uti UTI Mutual Fund
Haq, ek behtar zindagi ka.
10 YEARS
ୟୁଟିଆଇ ସ୍ୱତନ୍ତ୍ର
ନିବେଶକ ଶିକ୍ଷଣ ହେତୁ ଏକ ପଦକ୍ଷେପ | ସମର୍ଥନ ଧରିତ୍ରୀ

# ଆପଣଙ୍କ ବ୍ୟକ୍ତିଗତ ବଜେଟର ୯ଟି ସୋପାନ

**କୁହାଯାଏ, ବଜେଟର ଅର୍ଥ ହେଉଛି ଆପଣଙ୍କ ଟଙ୍କା କୁଆଡ଼େ ଗଲା ଏକଥାକୁ ନେଇ ପରେ ବିବ୍ରତ ହେବା ପରିବର୍ତ୍ତେ ଆପଣଙ୍କ ଟଙ୍କା କୁଆଡ଼େ ଯିବ ତାହା ସ୍ଥିର କରିବା । ପ୍ରକୃତରେ, ଏହା ଏକ ଯାଦୁକରୀ ସାଧନ ଯାହା ଆପଣଙ୍କ ଆର୍ଥିକ ଜୀବନକୁ ନିୟନ୍ତ୍ରଣ କରିବାକୁ ଦେଇଥାଏ । ଏକ ବଳକା ବଜେଟ ହାସଲ କରିବାକୁ ଚାହୁଁଛନ୍ତି ? ତାହାକୁ ସୁନିଶ୍ଚିତ କରିବା ପାଇଁ ଏଠାରେ ଏକ ବିସ୍ତୃତ ଚେକ୍‌ଲିଷ୍ଟ ଦିଆଗଲା:**

### ୧ ନିଜ ଆର୍ଥିକ ସ୍ଥିତିକୁ ବିଚାରକୁ ନିଅନ୍ତୁ

ଆପଣଙ୍କ ବ୍ୟକ୍ତିଗତ ଆର୍ଥିକ ବଜେଟ ତିଆରି କରିବା ପୂର୍ବରୁ, ଟଙ୍କାକୁ ନେଇ ଆପଣଙ୍କ ସ୍ଥିତି କ'ଣ ଆପଣ ତାହା ଜାଣିନେବା ଆବଶ୍ୟକ । ଆପଣଙ୍କ ସମସ୍ତ ପରିସମ୍ପତ୍ତି ଓ ଦେୟତାର ତାଲିକା ପ୍ରସ୍ତୁତ କରନ୍ତୁ । ତା'ପରେ ନିଜ ଆୟର ସମସ୍ତ ଉତ୍ସଗୁଡ଼ିକୁ ମିଶାନ୍ତୁ । ଆହୁରି ମଧ, ନିଜର ଖର୍ଚ୍ଚଗୁଡ଼ିକୁ ତାଲିକାଭୁକ୍ତ କରନ୍ତୁ - ସେ ନିୟମିତ ହେଉ କି ଆବେଗତ ହେଉ ଅଥବା ଆକସ୍ମିକ ହେଉ ।




**ଆପଣ ଏହା କରିବା ଜରୁରୀ କାରଣ** ଏହା ହେଉଛି ବଜେଟିଂ ପାଇଁ ଆପଣଙ୍କ ପ୍ରାରମ୍ଭିକ ବିନ୍ଦୁ ।



### ୨ ନିଜ ଲକ୍ଷ୍ୟଗୁଡ଼ିକର ତାଲିକା କରନ୍ତୁ

ଦିନେ ନା ଦିନେ ବୁଲିବାକୁ ଯିବି କହିବା ପରିବର୍ତ୍ତେ କୁହନ୍ତୁ "ମୁଁ ମୋ ୩୦ତମ ଜନ୍ମଦିନକୁ ଆଇଫେଲ୍ ଟାୱାର୍ ବାହାରେ ପାଳନ କରିବି" । ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖନ୍ତୁ ଏବଂ ସେଗୁଡ଼ିକୁ ସ୍ୱଳ୍ପ-ମିଆଦୀ, ମଧ୍ୟମ-ମିଆଦୀ ଓ ଦୀର୍ଘ-ମିଆଦୀ ଲକ୍ଷ୍ୟରେ ଶ୍ରେଣୀଭୁକ୍ତ କରନ୍ତୁ ।

**ଆପଣ ଏହା କରିବା ଜରୁରୀ** କାରଣ ଲକ୍ଷ୍ୟ ଆପଣଙ୍କୁ ସଞ୍ଚୟ କରିବା ପାଇଁ ପ୍ରୋତ୍ସାହିତ କରିଥାଏ । ଆପଣ ଯେତେ ଅଧିକ ସଞ୍ଚୟ କରିବେ, ଆପଣଙ୍କ ବଳକା ବଜେଟର ସମ୍ଭାବନା ସେତେ ଅଧିକ ହେବ ।

ଆହୁରି ମଧ, ଅବାସ୍ତବିକ ଲକ୍ଷ୍ୟ ନ ରଖିବା ସୁନିଶ୍ଚିତ କରନ୍ତୁ । ଯଦି ଆପଣ ତାହାକୁ ହାସଲ କରିବାରେ ଅସମର୍ଥ ହୁଅନ୍ତି, ତେବେ ନିରୁତ୍ସାହିତ ହେବାର ସମ୍ଭାବନା ବଢ଼ିଯିବ, ଯାହା ଫଳରେ ଆପଣ ସଞ୍ଚୟ କରିବା ବନ୍ଦ କରିଦେଇପାରନ୍ତି ।

### ୩ ନିଜ ଖର୍ଚ୍ଚଗୁଡ଼ିକ ଉପରେ ନଜର ରଖନ୍ତୁ

ଆପଣ କରୁଥିବା ପ୍ରତ୍ୟେକ ଖର୍ଚ୍ଚ ଉପରେ ନଜର ରଖନ୍ତୁ - ଏହା ଫର୍ନିଚର୍ କିଣିବା ଭଳି ବଡ଼ ଖର୍ଚ୍ଚ ହେଉ କି ଟ୍ୟାକ୍ସି ଭଡ଼ା ଭଳି ଛୋଟ ଖର୍ଚ୍ଚ ହେଉ । ବ୍ୟକ୍ତିଗତ ଖର୍ଚ୍ଚଗୁଡ଼ିକୁ ସ୍ପଷ୍ଟ ଭାବେ ଲେଖି ରଖନ୍ତୁ ଓ ଅପ୍‌ଡେଟ୍ କରନ୍ତୁ । ଖର୍ଚ୍ଚଗୁଡ଼ିକୁ ଏକାଠି ଲେଖିବାକୁ ଏଡ଼ାନ୍ତୁ କାରଣ ଏହାଦ୍ୱାରା ଆପଣ ଯୁକ୍ତିସଙ୍ଗତ ଓ ଅଣଯୁକ୍ତିସଙ୍ଗତ ଖର୍ଚ୍ଚଗୁଡ଼ିକୁ ବାରିପାରିବେ ନାହିଁ ।

**ଆପଣ ଏହା କରିବା ଜରୁରୀ କାରଣ** ଖର୍ଚ୍ଚ ଅତି ଛୋଟ ପ୍ରତୀତ ହୋଇଥିଲେ ମଧ ସମୟ ସହିତ ତାହା ଟଙ୍କା ଅଭାବ ଆଡ଼କୁ ବାଟ କଢ଼ାଇପାରେ ।

ଆହୁରି ମଧ, କ୍ରେଡିଟ୍ କାର୍ଡଗୁଡ଼ିକ ଉପରେ ଆପଣ ଯେପରି ପ୍ରାୟତଃ ଭରସା ନ କରନ୍ତି ଏହା ସୁନିଶ୍ଚିତ କରନ୍ତୁ । ବେଖାତିର ଭାବେ କାର୍ଡ ସ୍ୱାଇପ୍ କରିବା ଆପଣଙ୍କ କରଜ ବୋଝକୁ ଅତ୍ୟଧିକ ବୃଦ୍ଧି କରିପାରେ ।

### ୪ ନିଜ ଆବଶ୍ୟକତା ଓ ଇଚ୍ଛା ମଧ୍ୟରେ ପାର୍ଥକ୍ୟ ଜାଣନ୍ତୁ




ଶରୀରକୁ ଢାଙ୍କିବା ପାଇଁ ପୋଷାକ ଚାହିଁବା ହେଉଛି ଏକ ଆବଶ୍ୟକତା, ସଦ୍ୟତମ ଟ୍ରେଣ୍ଡିଂ ବ୍ରାଣ୍ଡ ପିନ୍ଧିବାକୁ ଚାହିଁବା ହେଉଛି ଇଚ୍ଛା । ଏକ ବାସ୍ତବବାଦୀ ବଜେଟ ଉଭୟର ଯତ୍ନ ନେଇଥାଏ, କିନ୍ତୁ ଯୁକ୍ତିସଙ୍ଗତ ଅନୁପାତରେ । ନିଜ ଆବଶ୍ୟକତା ଓ ଇଚ୍ଛା ମଧ୍ୟରେ ପାର୍ଥକ୍ୟକୁ ବୁଝନ୍ତୁ ଏବଂ ଆବଶ୍ୟକତାଗୁଡ଼ିକୁ ପ୍ରାଥମିକତା ଦିଅନ୍ତୁ ।

**ଆପଣ ଏହା କରିବା ଜରୁରୀ କାରଣ** ନିଜ ଇଚ୍ଛାଗୁଡ଼ିକ ପଛରେ ହାତଖୋଲା ଖର୍ଚ୍ଚ କଲେ, ଆପଣଙ୍କ ପାଖରେ ନିଜ ଆବଶ୍ୟକତା ପାଇଁ ଯଥେଷ୍ଟ ସମ୍ବଳ ରହିବ ନାହିଁ ।

ଆହୁରି ମଧ, ନିଜ ଇଚ୍ଛାଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା ନ କରିବାକୁ ସୁନିଶ୍ଚିତ କରନ୍ତୁ । ଯାହା ବି ହେଲେ, ଆପଣ ଏକ ବାସ୍ତବବାଦୀ ବଜେଟ୍ ଆବଶ୍ୟକ କରନ୍ତି ।

### ୫ ନିଜ ସଞ୍ଚୟଗୁଡ଼ିକୁ ସ୍ୱଚାଳିତ କରନ୍ତୁ

ବଜେଟ୍‌ର ପରିସୀମା ହେଉଛି ଆୟ, ସଞ୍ଚୟ ଓ ଖର୍ଚ୍ଚ । ଜଣେ ସ୍ମାର୍ଟ ଓ ଶୃଙ୍ଖଳିତ ସଞ୍ଚୟକାରୀ ହେବା ପାଇଁ ନିଜ ସଞ୍ଚୟଗୁଡ଼ିକୁ ସ୍ୱଚାଳିତ କରନ୍ତୁ । ଉଦାହରଣସ୍ୱରୂପ, ନିଜ ତକିଆ ତଳେ ସଞ୍ଚୟ କରିବା ପରିବର୍ତ୍ତେ ଆପଣ ନିଜ ଟଙ୍କାକୁ ସିଷ୍ଟମାଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି) ମାଧ୍ୟମରେ ଲିକ୍ୱିଡ୍ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିପାରିବେ ।

**ଆପଣ ଏହା କରିବା ଜରୁରୀ କାରଣ** ଆପଣ କେବଳ ଯେ ପ୍ରତିମାସ ଏକ ନିର୍ଦ୍ଧାରିତ ରାଶି ସଞ୍ଚୟ କରିପାରିବେ ତାହା ନୁହେଁ ବରଂ ତାହା ଉପରେ ରିଟର୍ନ ମଧ ଆୟ କରିପାରିବେ ।



ଆହୁରି ମଧ, ଅଯୌକ୍ତିକ ଭାବେ ସଞ୍ଚୟ କରିବାର ଚେଷ୍ଟା କରନ୍ତୁ ନାହିଁ କାରଣ ଆପଣ ଲିକ୍ୱିଡିଟି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି ।

### ୬ ଜରୁରିକାଳୀନ ପରିସ୍ଥିତି ପାଇଁ ଅଲଗା ସଞ୍ଚୟ କରନ୍ତୁ

ବଳକା ବଜେଟ ବା ବ୍ୟୟଠାରୁ ଅଧିକ ଆୟ ହାସଲ କରିବା ପାଇଁ, ଜରୁରିକାଳୀନ ପରିସ୍ଥିତି ଲାଗି ସଞ୍ଚୟ କରନ୍ତୁ । ନିଜ ମାସିକ ବେତନର କିଛି ଅଂଶକୁ ଇମର୍ଜେନ୍ସି ଫଣ୍ଡରେ ରଖନ୍ତୁ । ମ୍ୟୁଚୁଆଲ ଫଣ୍ଡ ଆପଣଙ୍କ ଫଣ୍ଡକୁ ଦ୍ରୁତ ଗଢ଼ିବାରେ ସହାୟତା କରିପାରିବ ।



**ଆପଣ ଏହା କରିବା ଜରୁରୀ କାରଣ** ସ୍ୱାସ୍ଥ୍ୟ, ଆଇନଗତ କିମ୍ବା ଅନ୍ୟାନ୍ୟ ଜରୁରିକାଳୀନ ପରିସ୍ଥିତିରେ ଆପଣଙ୍କୁ ନିଜର ନିୟମିତ ସଞ୍ଚୟକୁ ବ୍ୟବହାର କରିବାକୁ ପଡ଼ିପାରେ ।

ଆହୁରି ମଧ, ଏହା ସୁନିଶ୍ଚିତ କରନ୍ତୁ ଯେ ଆପଣ ଯେପରି ନିଜର ନିୟମିତ ଖର୍ଚ୍ଚ ଯେପରିକି ଇଏମ୍‌ଆଇ, ବିଲ୍ ଆଦି ପୈଠ କରିବା ପାଇଁ ଇମର୍ଜେନ୍ସି ଫଣ୍ଡକୁ ନ ଛୁଅନ୍ତି । ଅନ୍ୟଥା ଏହାକୁ 'ଇମର୍ଜେନ୍ସି ଫଣ୍ଡ' କହିବା ବୃଥା ।

### ୭ କରଜକୁ ପ୍ରାଥମିକତା ଦିଅନ୍ତୁ




ନିଜ ଋଣ-କରଜଗୁଡ଼ିକୁ ଉଚ୍ଚ-ସୁଧ ଓ ସ୍ୱଳ୍ପ-ସୁଧ କରଜରେ ଶ୍ରେଣୀବଦ୍ଧ କରନ୍ତୁ । ଉଚ୍ଚ ସୁଧ ଥିବା କରଜକୁ ପ୍ରଥମେ ପରିଶୋଧ କରନ୍ତୁ । ଯଦି ଆପଣଙ୍କ ହାତରେ ଅତିରିକ୍ତ ଟଙ୍କା ଆସେ, ଧରନ୍ତୁ ବୋନସ୍ କିମ୍ବା ସମ୍ପର୍କୀୟଙ୍କଠାରୁ ଉପହାର ଆକାରରେ, ତାହାକୁ ନିଜର ଆର୍ଥିକ ବୋଝ କମ୍ କରିବା ପାଇଁ ବ୍ୟବହାର କରନ୍ତୁ ।

**ଆପଣ ଏହା କରିବା ଜରୁରୀ କାରଣ** କଥାରେ ଅଛି କରଜ ଉପରେ ସୁଧ ବିନା ବର୍ଷାରେ ବଢ଼ିଥାଏ ।

ଆହୁରି ମଧ, ଏହା ସୁନିଶ୍ଚିତ କରନ୍ତୁ ଯେ ଆପଣ ଯେପରି କରଜକୁ ଦୀର୍ଘ ସମୟ ଧରି ଅପୈଠ ନ ରଖନ୍ତି କାରଣ ଏହା ଆପଣଙ୍କ କ୍ରେଡିଟ୍ ସ୍କୋର୍‌କୁ ପ୍ରଭାବିତ କରିଥାଏ ।

### ୮ ନିବେଶ କରନ୍ତୁ



ନିଜ ସଞ୍ଚୟକୁ ନିବେଶ କରନ୍ତୁ ଯାହାଦ୍ୱାରା ତାହା ବୃଦ୍ଧିଲାଭ କରିପାରିବ । ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡରେ ଦୀର୍ଘମିଆଦୀ ନିବେଶ ମୁଦ୍ରାସ୍ଫୀତିକୁ ପରାଜିତ କରିବାରେ ଆପଣଙ୍କୁ ସହାୟତା କରିଥାଏ । ଇକ୍ୱିଟି ଲିଙ୍କ୍‌ଡ ସେଭିଂସ୍ ସ୍କିମ୍ (ଇଏଲ୍‌ଏସ୍‌ଏସ୍) ସହିତ ଆପଣ ନିଜ ନିବେଶଗୁଡ଼ିକ ଉପରେ ବାର୍ଷିକ ₹୧.୫ ଲକ୍ଷ ପର୍ଯ୍ୟନ୍ତ ଟିକସ ସଞ୍ଚୟ କରିପାରିବେ ।

**ଆପଣ ଏହା କରିବା ଜରୁରୀ କାରଣ** ନିୟମିତ ନିବେଶ ସହିତ ଆପଣ ନିଜ ପାଇଁ ଆୟର ନିଜସ୍ୱ ଉତ୍ସ ଗଢ଼ିପାରିବେ ।

ଆହୁରି ମଧ, ଏହା ସୁନିଶ୍ଚିତ କରନ୍ତୁ ଯେ ଆପଣ ଯେପରି ସମସ୍ତ ଅଣ୍ଡାକୁ ଗୋଟିଏ ଝୁଡ଼ିରେ/ନିଜର ସମସ୍ତ ଟଙ୍କାକୁ ଗୋଟିଏ ଆସେଟ୍ କ୍ଲାସ୍‌ରେ ନ ରଖନ୍ତି । ଏକ ବିବିଧକୃତ ନିବେଶ ପୋର୍ଟଫୋଲିଓ ଆପଣଙ୍କୁ ନିବେଶ ରିସ୍କ ପରିଚାଳନାରେ ସହାୟତା କରିଥାଏ ।

### ୯ ନିଜ ବଜେଟ ପ୍ରତି ପ୍ରତିବଦ୍ଧ ରୁହନ୍ତୁ

ଖାଲି ବଜେଟ ତିଆରି କରିଦେବା ଯଥେଷ୍ଟ ନୁହେଁ, ଆପଣ ତାହାକୁ ଅନୁସରଣ କରିବା ଓ ତା' ପ୍ରତି ପ୍ରତିବଦ୍ଧ ରହିବା ଜରୁରୀ । ନିଜ ବଜେଟକୁ ନିୟମିତ ଭାବେ ସମୀକ୍ଷା କରନ୍ତୁ, ଆବଶ୍ୟକ ହେଲେ ସଂଶୋଧନ କରନ୍ତୁ ।

**ଆପଣ ଏହା କରିବା ଜରୁରୀ କାରଣ** ଆପଣଙ୍କ ବଜେଟର ଭିତ୍ତି - ଅର୍ଥାତ୍ ଆପଣଙ୍କ ଆର୍ଥିକ ସ୍ଥିତି ବଦଳିଯାଇପାରେ । ଆପଣଙ୍କ ବଜେଟ ଯେପରି ଆପଣଙ୍କ ଆର୍ଥିକ ସ୍ଥିତିକୁ ସୁହାଉଛି ଏହା ସର୍ବଦା ସୁନିଶ୍ଚିତ କରିନେବା ଆବଶ୍ୟକ ।

ଆହୁରି ମଧ, ଏହା ସୁନିଶ୍ଚିତ କରନ୍ତୁ ଯେ ଆପଣ ନିଜ ସାଙ୍ଗସାଥୀ କିମ୍ବା ପରିବାର ସଦସ୍ୟଙ୍କ ବଜେଟକୁ ଅନୁସରଣ ନ କରନ୍ତି । ସେମାନଙ୍କ ଆୟ, ଖର୍ଚ୍ଚ ଓ ଲକ୍ଷ୍ୟଗୁଡ଼ିକ ଆପଣଙ୍କ ସହ ସମାନ ହୋଇ ନ ପାରେ ।



*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

## ଏସ୍‌ଆଇପି ଆପଣଙ୍କୁ ଏକ ବଳକା ବଜେଟ ହାସଲ କରିବାରେ ସାହାଯ୍ୟ କରିପାରିବ !




**ବ୍ୟୟରୁ ଅଧିକ ଆୟର ସ୍ଥିତି ହାସଲ କରିବା ପାଇଁ ଏବେ ବି ବିଳମ୍ବ ହୋଇନାହିଁ, ଆଜି ହିଁ ଆରମ୍ଭ କରନ୍ତୁ !**

**କ୍ୟୁଆର୍ କୋଡ୍ ଡାଉନ୍‌ଲୋଡ୍ ଓ ସ୍କାନ୍ କରିବାର ପଦ୍ଧତି:**

୧) ନିଜ ଫୋନ୍‌ରେ କ୍ୟୁଆର୍ କୋଡ୍ ଆପ୍ ଡାଉନ୍‌ଲୋଡ୍ କରନ୍ତୁ ।
୨) ଆପ୍‌କୁ ଚଲାନ୍ତୁ ଓ କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ ।
୩) ଆପଣଙ୍କ ସ୍ମାର୍ଟଫୋନ୍ କୋଡ୍‌କୁ ପଢ଼ିବ ଓ ଆପଣଙ୍କୁ ଗନ୍ତବ୍ୟସ୍ଥଳୀରେ ପହଞ୍ଚାଇବ ।

ନିଜ ପାଇଁ ସ୍ଥିର କରିଥିବା ସମସ୍ତ ମାଇଲଖୁଣ୍ଟରେ ପହଞ୍ଚିବା ଲାଗି ଆପଣଙ୍କୁ କେତେ ପରିମାଣର ଅର୍ଥରାଶି ନିବେଶ କରିବାକୁ ହେବ ଏହା ହିସାବ କରିବା ପାଇଁ ଏହି କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ

ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ପୂର୍ବରୁ ଯେଉଁ ୧୦ଟି କଥାଗୁଡ଼ିକୁ ଧାନରେ ରଖିବେ ସେଗୁଡ଼ିକ ଉପରେ ନଜର ପକାଇବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ

ଅବସର ଗ୍ରହଣ ସମୟରେ ଆପଣଙ୍କ ପାଖରେ କେତେ ଟଙ୍କା ରହିଥିବା ଦରକାର ଏ ସମ୍ପର୍କରେ କେବେ ଭାବିଛନ୍ତି କି ? ଜାଣିବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ ।

ଅଧିକ ବିବରଣୀ ପାଇଁ, ଆମକୁ ଟୁଇଟର୍ @utimutualfund ରେ ଫଲୋ କରନ୍ତୁ, ପ୍ରଶ୍ନ କିମ୍ବା ମତାମତ ଇମେଲ୍ କରନ୍ତୁ: utiswatantrateam@gmail.com ରେ ■ ଦୟାକରି ବିଷୟ ଧାଡ଼ିରେ "Swatantra in Dharitri' ଲେଖନ୍ତୁ । ■ ଏପରି ଅଧିକ ଆର୍ଥିକ ଉପଦେଶ ପାଇଁ ଆମ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: http://www.utiswatantra.com

## ବିଶେଷଜ୍ଞ କୁହନ୍ତି

**ଜଣେ ପାଠକ ଆମକୁ ପଚାରିଛନ୍ତି: ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବାର ପ୍ରକୃଷ୍ଟ ସମୟ କେବେ ?**

ବିଶେଷଜ୍ଞ ଏହି ଉତ୍ତର ଦେଇଛନ୍ତି



**ସନ୍ତୋଷ କୁମାର ମଲ୍ଲ**
ଆର୍ଥିକ ପରାମର୍ଶଦାତା

ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ପାଇଁ ଯେକୌଣସି ସମୟ ହେଉଛି ପ୍ରକୃଷ୍ଟ ସମୟ । ଇକ୍ୱିଟି ଫଣ୍ଡ ହେଉଛି ମ୍ୟୁଚୁଆଲ ଫଣ୍ଡର ଏକ କିସମ, ଯାହା ମୁଖ୍ୟତଃ ଷ୍ଟକ୍ ଓ ଇକ୍ୱିଟିରେ ନିବେଶ କରିଥାଏ । ନିବେଶ ଗୁରୁତ୍ୱପୂର୍ଣ୍ଣ କାରଣ ଆଜିର ଯୁଗରେ କେବଳ ଟଙ୍କା ଉପାର୍ଜନ କରିବା ଯଥେଷ୍ଟ ନୁହେଁ । ଟଙ୍କା ଉପାର୍ଜନ କରିବା ପାଇଁ ଆପଣ କଠିନ ପରିଶ୍ରମ କରନ୍ତି । କିନ୍ତୁ ଏକ ସ୍ୱାଛନ୍ଦପୂର୍ଣ୍ଣ ଜୀବନଶୈଳୀ ଅନୁସରଣ କରିବା କିମ୍ବା ନିଜର ସମସ୍ତ ଆର୍ଥିକ ଲକ୍ଷ୍ୟକୁ ପୂରା କରିବା ପାଇଁ ତାହା ପର୍ଯ୍ୟାପ୍ତ ହୋଇ ନ ପାରେ । ଆପଣ ଟଙ୍କାକୁ ସ୍ମାର୍ଟ ଭାବେ ନିବେଶ କରିବା ଓ ସେଥିରୁ ଭଲ ରିଟର୍ନ ପାଇବା ଆବଶ୍ୟକ । ଜୀବନର ବିଭିନ୍ନ ପର୍ଯ୍ୟାୟ ପାଇଁ ଆର୍ଥିକ ଯୋଜନା ସ୍ଥିର କରିଥିବା ଯେକୌଣସି ବ୍ୟକ୍ତିଙ୍କ ପାଇଁ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ହେଉଛି ସର୍ବୋତ୍ତମ ବିକଳ୍ପ । ମ୍ୟୁଚୁଆଲ ଫଣ୍ଡ ଆପଣଙ୍କୁ ଆପଣଙ୍କ ଆର୍ଥିକ ଲକ୍ଷ୍ୟଗୁଡ଼ିକୁ ବୁଝିବା ଏବଂ ଯଥାସମ୍ଭବ ଶୀଘ୍ର ହାସଲ କରିବାରେ ସହାୟତା କରିଥାଏ । କିନ୍ତୁ ଯେବେ ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବାର କଥା ଆସେ, ଆପଣଙ୍କୁ ଅତ୍ୟନ୍ତ ଧୈର୍ଯ୍ୟବାନ୍ ହେବାକୁ ପଡ଼ିବ ଏବଂ ବଜାରକୁ ସମ୍ପୂର୍ଣ୍ଣ ରୂପେ ବୁଝିବାକୁ ପଡ଼ିବ ।

## ଗୁରୁ କୁହନ୍ତି



**ରଘୁନାଥ ସାହୁ**
ଆର୍ଥିକ ପରାମର୍ଶଦାତା

**ମୁଁ ମୋ ଇଏଲ୍‌ଏସ୍‌ଏସ୍ ଫଣ୍ଡକୁ ତିନି ବର୍ଷ ପୂର୍ବରୁ ଉଠାଣ କରିପାରିବି କି ?**

ନା, ଇଏଲ୍‌ଏସ୍‌ଏସ୍‌ରେ ନିବେଶ ତିନିବର୍ଷର ବାଧତାମୂଳକ ଲକ୍-ଇନ୍ ଅବଧି ସମାପ୍ତି ପରେ ହିଁ ପରିପକ୍ୱ ଏବଂ ବିମୋଚନଯୋଗ୍ୟ ହୋଇଥାଏ । ଲକ୍-ଇନ୍ ଅବଧି ୟୁନିଟ୍ କ୍ରୟ ତାରିଖରୁ ଆରମ୍ଭ ହୋଇଥାଏ ଏବଂ ଏହି ଅବଧିରେ ନିବେଶକମାନେ ବାଧତାମୂଳକ ତିନିବର୍ଷ ସମ୍ପୂର୍ଣ୍ଣ ହେବା ପୂର୍ବରୁ ଫଣ୍ଡରେ ଥିବା ସେମାନଙ୍କ ହୋଲ୍‌ଡିଂକୁ ବିକ୍ରୟ, ବିମୋଚନ କିମ୍ବା ଅନ୍ୟ କୌଣସି ପଦ୍ଧତିରେ ପରିବର୍ତ୍ତନ କରିପାରିବେ ନାହିଁ । ଇଏଲ୍‌ଏସ୍‌ଏସ୍‌ରେ ନିବେଶ ଏକକାଳୀନ ପଦ୍ଧତି କିମ୍ବା ଏସ୍‌ଆଇପି ପଦ୍ଧତିରେ କରାଯାଇପାରିବ । ଏସ୍‌ଆଇପି ନିବେଶ ମାମଲା, ପ୍ରତ୍ୟେକ କିସ୍ତିକୁ ଭିନ୍ନ ବିବେଚନା କରାଯିବ ଏବଂ ସେଗୁଡ଼ିକର ପୃଥକ୍ ୩ ବର୍ଷିଆ ଲକ୍-ଇନ୍ ଅବଧି ରହିବ । ତଥାପି, ନିବେଶକଙ୍କ ନିକଟରେ ନିଜ ନିବେଶକୁ ବନ୍ଦ କରିବାର ବିକଳ୍ପ ରହିବ, କିନ୍ତୁ ନିବେଶ କରାଯାଇଥିବା ୟୁନିଟ୍‌ଗୁଡ଼ିକୁ ଲକ୍-ଇନ୍ ଅବଧି ସମାପ୍ତ ହେବା ପରେ ହିଁ ବିମୋଚନ କରାଯାଇପାରିବ ।

**ପରବର୍ତ୍ତୀ ସଂସ୍କରଣରେ:** ଉତ୍ତମ ଆର୍ଥିକ ସ୍ୱାସ୍ଥ୍ୟକୁ ସୁନିଶ୍ଚିତ କରିବା ପାଇଁ ବଜେଟ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଏବଂ, ସେହିଭଳି ନିଜ ଆର୍ଥିକ ସ୍ଥିତି ସମ୍ପର୍କରେ ନିଜ ପ୍ରତି ସତ୍ୟନିଷ୍ଠ ହେବା ମଧ ଗୁରୁତ୍ୱପୂର୍ଣ୍ଣ । ଅର୍ଥର ସତ୍ୟ ସମ୍ପର୍କରେ ଆସନ୍ତୁ ପରବର୍ତ୍ତୀ ସଂସ୍କରଣରେ ଏକଥା ଆହୁରି ଭଲ ଭାବେ ବୁଝିବା ।

f LIVE ଏହି ମଜାଦାର ବିଷୟ ଉପରେ ଅଧିକ ଜାଣିବା ପାଇଁ, ଆପଣ ୪ ଜୁଲାଇ ୨୦୧୯ ଅପରାହ୍ଣ ୫ ଘଟିକା ପରଠାରୁ ୟୁଟିଆଇ ସ୍ୱତନ୍ତ୍ର ଫେସ୍‌ବୁକ୍ ଲାଇଭ୍ ପରିଦର୍ଶନ କରିପାରିବେ ଏବଂ ଶୋ' 'ଏହା ଆର୍ଥିକ ଦର୍ପଣ ସାମ୍ନାରେ ଛିଡ଼ା ହେବାର ସମୟ' ଦେଖିପାରିବେ ।

ମ୍ୟୁଚୁଆଲ ଫଣ୍ଡ ନିବେଶ ବଜାରର ରିସ୍କ ଉପରେ ନିର୍ଭର କରିଥାଏ, ସ୍କିମ୍ ସମ୍ପର୍କିତ ସମସ୍ତ କାଗଜପତ୍ରକୁ ଯତ୍ନର ସହିତ ପଢ଼ନ୍ତୁ ।

MUTUAL FUNDS Sahi Hai
uti UTI Mutual Fund
Haq, ek behtar zindagi ka.

ଆପଣଙ୍କୁ କେହି ଜଗାଇବା ପୂର୍ବରୁ ଜାଗି ଯାଆନ୍ତୁ।
ଏବେ ଠାରୁ ହିଁ ଆପଣଙ୍କ କର ସଞ୍ଚୟ ଯୋଜନା ଆରମ୍ଭ କରି ଦିଅନ୍ତୁ।

BEWARE OF MARCH

ଆପଣଙ୍କ କର ସଞ୍ଚୟ ଯୋଜନା
ଏସ୍ ଆଇ ପି ସହିତ ଏବେ ଠାରୁ ଆରମ୍ଭ କରନ୍ତୁ।



ଆପଣଙ୍କ ମ୍ୟୁଚୁଆଲ୍ ଫଣ୍ଡ ବିତରକଙ୍କ ସହିତ ସମ୍ପର୍କ କରନ୍ତୁ ବା 8655097225 ରେ ମିସ୍‌ଡ କଲ୍ ଦିଅନ୍ତୁ ।

ଯେବେ ବି କର ସଞ୍ଚୟ ଯୋଜନା କଥା ଆସେ, ତ ତାକୁ ଅତିଶୀଘ୍ର ଆରମ୍ଭ କରିବା ପାଇଁ ପରାମର୍ଶ ଦିଆଯାଏ।
• ଯେତେ ଅଧିକ ଡେରୀ ସେତେ ହିଁ ଅଧିକ ବଜେଟ୍ ଉପରେ ପ୍ରଭାବ।
• ହୋଇ ପାରେ କି ଆପଣ ଆପଣଙ୍କ ଲକ୍ଷ୍ୟ ଅନୁସାରେ ଉଚିତ ବିତ୍ତୀୟ ସାଧନରେ ନିବେଶ ନକରି ପାରନ୍ତି ।
ଏଥିପାଇଁ ଆପଣଙ୍କ କର ସଞ୍ଚୟ ଯୋଜନାକୁ ଅନ୍ତିମ କ୍ଷଣ ପାଇଁ ଛାଡ଼ନ୍ତୁ ନାହିଁ । ଆଜି ହିଁ ଆପଣଙ୍କ ସିଷ୍ଟମେଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍ ଆଇ ପି) ଆରମ୍ଭ କରନ୍ତୁ । କର ସଞ୍ଚୟ ବାଲା ମ୍ୟୁଚୁଆଲ୍ ଫଣ୍ଡ ଯୋଜନାରେ ପ୍ରତି ମାସ କିଛି କିଛି ରାଶି ନିବେଶ କରି ଆପଣ କେବଳ କର ସଞ୍ଚୟ କରିନଥାନ୍ତି ଅଧିକନ୍ତୁ ବୃଦ୍ଧି ବି କରନ୍ତି।

ୟୁଟିଆଇ ସ୍ୱତନ୍ତ୍ର
ଏକ ନିବେଶକ ଶୈକ୍ଷଣିକ ପଦକ୍ଷେପ
SMS "UTISIP" to 5676756
Scan this QR code to learn more about SIP

ସିଷ୍ଟମେଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍
Visit www.utiswatantra.com
#BewareOfMarch
Follow us on

ମ୍ୟୁଚୁଆଲ୍ ଫଣ୍ଡ ନିବେଶ ବଜାର ଆପଦ ଅଧୀନ ଅଟେ, ଯୋଜନା ସମ୍ବନ୍ଧିତ ସମସ୍ତ ଦସ୍ତାବିଜ୍‌କୁ ଧ୍ୟାନ ସହକାରେ ପଢନ୍ତୁ ।

## ସଂକ୍ଷେପରେ

### ଜୁଆ ଆଡ୍ଡା ଉପରେ ପୋଲିସ ଚଢ଼ାଉ
### କିଙ୍ଗପିନ ସହ ୩ ଖେଳାଳି ଅଟକ

ନାଉଗାଁ,୩୦।୬(ସ୍ୱ.ପ୍ର.): ନାଉଗାଁ ଥାନା ଗଙ୍ଗଦା ହାଟରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ରବିବାର ସନ୍ଧ୍ୟାରେ ପୋଲିସ ଚଢ଼ାଉ କରିଛି। ସେଠାରେ ଜୁଆ ଖେଳାଉଥିବା କିଙ୍ଗପିନ ସମେତ ୩ ଜଣ ଖେଳାଳିଙ୍କୁ ଧରିଆଣି ପୋଲିସ ଥାନାରେ ଅଟକ ରଖିଛି। ପ୍ରକାଶ ଯେ, ଏହି ହାଟରେ ଦୀର୍ଘଦିନ ହେଲା ଜୁଆ ଖେଳ ଚାଲିଥିଲା। ଏନେଇ ବାରମ୍ବାର ଅଭିଯୋଗ ହେବା ପରେ ମଧ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଫଳରେ ବହୁ ଯୁବକ ୧୦ ଟଙ୍କାରେ ୧୦୦ ଟଙ୍କା ଜିତିବା ଆଶାରେ ଏହି ଖେଳରେ ସାମିଲ ହେବା ସହିତ ଘରୁ ଟଙ୍କା ଆଦି ଚୋରି କରି ଆଣି ଖେଳୁଥିଲେ। ରବିବାର ପୋଲିସ ଖବର ପାଇ ଜୁଆ ଆଡ୍ଡା ଉପରେ ଚଢ଼ାଉ କରିବା ସହିତ ମାଲିକ ସମେତ ୩ ଜଣଙ୍କୁ ଅଟକ ରଖିଥିବା ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ବର କର କହିଛନ୍ତି।

### ନବନିର୍ମାଣ କୃଷକ ସଙ୍ଗଠନର ଦାବିପତ୍ର

ନାଉଗାଁ,୩୦।୬(ସ୍ୱ.ପ୍ର.): ନାଉଗାଁ ବ୍ଲକର ବିଭିନ୍ନ ସମସ୍ୟା ନେଇ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଶୁକ୍ରବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ଜେ.କଳ୍ପନାଙ୍କୁ ୧୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ ଫନୀ ବାତ୍ୟାରେ ଅନେକ ଚାଷୀଙ୍କ କ୍ଷୟକ୍ଷତି ଘଟିଛି। ପରିବା ଚାଷଠାରୁ ଆରମ୍ଭ କରି ଡାଲି ଜାତୀୟ ଫସଲ, ବାଡ଼ି ବଗିଚାରେ ଥିବା ବିଭିନ୍ନ ଫଳଗଛ ଆଦି ନଷ୍ଟ ହୋଇଛି। କିନ୍ତୁ ଦୀର୍ଘଦିନ ପରେ ମଧ ଏ ପର୍ଯ୍ୟନ୍ତ କୃଷି ବିଭାଗ ଓ ଉଦ୍ୟାନ ବିଭାଗ ଏହାର ତଦନ୍ତ କରିନାହାନ୍ତି। ତେଣୁ ଚାଷୀମାନେ କ୍ଷତିପୂରଣ ପାଇପାରୁନାହାନ୍ତି। ତେଣୁ ରାଜସ୍ୱ ବିଭାଗ, କୃଷି ଓ ଉଦ୍ୟାନ ବିଭାଗ ମିଳିତ ଭାବେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରି କ୍ଷତିପୂରଣ ପ୍ରଦାନ, ସରକାରୀ ଲାଇସେନ୍ସପ୍ରାପ୍ତ ଦୋକାନୀ ସାରର ଉପଯୁକ୍ତ ମୂଲ୍ୟ ସହ ଦୋକାନ ଆଗରେ ସୂଚନା ଫଳକ ଲଗାଇବାକୁ ଦାବି ହୋଇଛି। ଅନ୍‌ଲାଇନ ମାଧମରେ ଚାଷୀଙ୍କ ସମସ୍ତ ତଥ୍ୟ ପ୍ରଦାନ କରାଯାଉଥିବାବେଳେ ନାଉଗାଁ କୃଷି କାର୍ଯ୍ୟାଳୟରେ ବିଦ୍ୟୁତ ନ ଥିବାରୁ ଚାଷୀମାନେ ଅନଲାଇନ ମାଧମରେ କୌଣସି କାର୍ଯ୍ୟ କରିପାରୁନାହାନ୍ତି। ତେଣୁ କୃଷି କାର୍ଯ୍ୟାଳୟକୁ ବିଦ୍ୟୁତ ସଂଯୋଗ କରିବା, କାଳିଆ ଯୋଜନାରେ ତାଲିକାରେ ନାମ ଥାଇ ଏ ପର୍ଯ୍ୟନ୍ତ ଟଙ୍କା ପାଇ ନ ଥିବା ଚାଷୀଙ୍କୁ ସହାୟତା ଦେବା, ତହସିଲ କାର୍ଯ୍ୟାଳୟରେ ମ୍ୟୁଟେଶନ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଅନ୍ୟାନ୍ୟ ଦାବି ଉପସ୍ଥାପନ କରାଯାଇଛି। ସଙ୍ଗଠନର ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ, ଜିଲା ସହ ସଂଯୋଜକ ଅଶୋକ କୁମାର ସ୍ୱାଇଁ, କୈଳାସ ପରିଡା, କମଳାକାନ୍ତ ପରିଡା, ରାଜ୍ୟ କମିଟି ସଦସ୍ୟ ନବକିଶୋର ମହାନ୍ତି, ବଂଶୀଧର ବେହେରା, ଚତୁର୍ଭୁଜ ମହାନ୍ତି ପ୍ରମୁଖ ତହସିଲଦାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ୧୦ ଦିନ ମଧ୍ୟରେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଡାକି ସମସ୍ତ ଦାବି ସମ୍ପର୍କରେ ଆଲୋଚନା ପରେ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ଜେ.କଳ୍ପନା ସେମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

### ପୂଜ୍ୟପୂଜା ସଂସଦ ପକ୍ଷରୁ ବିଇଓଙ୍କୁ ସମ୍ବର୍ଦ୍ଧନା

ବାଲିକୁଦା,୩୦।୬(ସ୍ୱ.ପ୍ର.): ବାଲିକୁଦା ପୂଜ୍ୟପୂଜା ସଂସଦ ପକ୍ଷରୁ ରବିବାର ବ୍ଲକ ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଂସଦର ସଭାପତି କୈଳାସ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ରାଜ୍ୟ ଓ ଜାତୀୟ ପୁରସ୍କାରପ୍ରାପ୍ତ କୃତୀ ଶିକ୍ଷକ ବିଷ୍ଣୁ ଚରଣ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ସାହୁଙ୍କ କର୍ତ୍ତବ୍ୟ ନିଷ୍ଠା ଓ କାର୍ଯ୍ୟ ଦକ୍ଷତା ସମ୍ପର୍କରେ କହିଥିଲେ। ସମ୍ପାଦକ କୃତୀ ଶିକ୍ଷକ ଅରୁଣ କୁମାର ମହାନ୍ତି, ଶିକ୍ଷାବିତ୍ ମନୁଚରଣ ନାୟକ, ବସନ୍ତ କୁମାର ଦେଠୀ, ଅଧାପକ ଅଶୋକ ସାମଲ, ଉପଦେଷ୍ଟା ଧ୍ରୁବଚରଣ ସାହୁ, ଯୁଗ୍ମ ସମ୍ପାଦକ ବାବନ ଚରଣ ସ୍ୱାଇଁ, ପବିତ୍ର ମୋହନ ସାଉ, ଗନ୍ଧର୍ବ ଚରଣ ସାଉ, ସରୋଜକାନ୍ତ ସ୍ୱାଇଁ, ପ୍ରଫୁଲ୍ଲ ଷଡ଼ଙ୍ଗୀ, ଅନନ୍ତ ସାହୁ, ସ୍ମିତା ଦାସ, ପଣ୍ଡିତ ଅଜୟ ଶତପଥୀ ଯୋଗ ଦେଇଥିଲେ। ବିଆରସିସି ରାଜକିଶୋର ବେଉରା ଉପସ୍ଥିତ ଥିଲେ।

# ଭୂତକୋଠି ପାଲଟିଛି ରେଢୁଆ କୃଷକ ବଜାର

ରଘୁନାଥପୁର, ୩୦।୬ (ଡି.ଏନ.ଏ.)



ବନ୍ଦ ହୋଇ ରହିଥିବା ଦୋକାନଗୃହ।

- ହାଟ ପାର୍ଶ୍ୱରେ ଥାଇ କାମରେ ଲାଗୁନି
- ବାରଣ୍ଡା ପାଲଟିଛି ମଦ୍ୟପଙ୍କ ଆଡ୍ଡାସ୍ଥଳ
- ମାଛ, ଚିକେନ ବିକାଳିଙ୍କ କବ୍‌ଜାରେ ପରିସର

ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳ ଏସ୍‌ଏଚଜି ମହିଳା, ବ୍ୟବସାୟୀ ତଥା ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବ୍ୟବସାୟ ମାଧମରେ ଆତ୍ମନିର୍ଭରଶୀଳ କରାଇବାକୁ ବିଭିନ୍ନ ପଞ୍ଚାୟତରେ ବିଜୁ ଗ୍ରାମୀଣ ବଜାର ମାନ ନିର୍ମାଣ କରାଯାଇଥିଲା। ବାସ୍ତବରେ ଏହା କେତେ ମାତ୍ରାରେ କାର୍ଯ୍ୟ କରୁଛି ସେ ସମ୍ପର୍କରେ ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଏପରି ବ୍ୟତିକ୍ରମ ଦେଖିବାକୁ ମିଳିଛି ରଘୁନାଥପୁର ବ୍ଲକ ରେଢୁଆ ହାଟଠାରେ ଥିବା ବିଜୁ ଗ୍ରାମୀଣ ବଜାର କ୍ଷେତ୍ରରେ। ଯାହାକି ଏବେ ଭୂତକୋଠି ପାଲଟିଛି। ୧୩ ବର୍ଷ ତଳେ ବିଜୁ ଗ୍ରାମୀଣ ବଜାରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ତେବେ ଅଦ୍ୟାବଧି ହାଟ ପାର୍ଶ୍ୱରେ ଥାଇ ଗ୍ରାମୀଣ ବଜାର ଲୋକଙ୍କ ସେବାରେ ଲାଗୁନି। ଏବେ ୧୦ ବଖରା ବାରଣ୍ଡା ମଦ୍ୟପଙ୍କ ଆଡ୍ଡାସ୍ଥଳ ପାଲଟିଛି। ଏହାଛଡା ଉକ୍ତ ପରିସର ମାଛ ଓ ଚିକେନ ବିକାଳିଙ୍କ କବ୍‌ଜାରେ ରହିଥିବା ଅଭିଯୋଗ ହେଉଛି। ଦିନରାତି ମଦ୍ୟପଙ୍କ ଆଡ୍ଡା ଜମୁଥିବାରୁ ସମ୍ମୁଖ ରାସ୍ତାରେ ଝିଅ, ବୋହୂ ତଥା ସ୍କୁଲ କଲେଜକୁ ଯାଉଥିବା ଛାତ୍ରୀମାନେ ଯାତାୟାତ ପାଇଁ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ୧୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଗ୍ରାମୀଣ ବଜାର ଦୀର୍ଘଦିନ ପଡି ରହିବା ପରେ ୩ ବର୍ଷ ତଳେ ତତ୍‌କାଳୀନ ବିଡିଓଙ୍କ ସମୟରେ ୪ ଲକ୍ଷ ଟଙ୍କା ବ୍ୟୟ କରାଯାଇ ଏହାର ମରାମତି ହୋଇଥିଲା। ସେତେବେଳର ସରପଞ୍ଚ ତପନ ମଲ୍ଲିକଙ୍କ ଉଦ୍ୟମରେ ସ୍ଥାନୀୟ ଅଞ୍ଚଳର ଏସ୍‌ଏଚଜି ଗ୍ରୁପ, କ୍ଷୁଦ୍ର ବ୍ୟବସାୟୀ ଓ ଭିନ୍ନକ୍ଷମ ବ୍ୟକ୍ତିମାନେ ଉକ୍ତ ଘରକୁ ନେବାକୁ ବ୍ଲକରେ ଆବେଦନ କରିଥିଲେ। ଏହା କେବଳ ଆବେଦନରେ ହିଁ ସୀମିତ ରହିଗଲା। ବାରମ୍ବାର ସ୍ଥାନୀୟ ଅଧିବାସୀଙ୍କ ପକ୍ଷରୁ ଏ ସମ୍ପର୍କରେ ଅଭିଯୋଗ ହେଉଥିଲେ ମଧ ସୁଫଳ ମିଳୁନି। ଏହା ବ୍ଲକ ଅଧକ୍ଷା ସ୍ୱପ୍ନା ସରିତା ବଳଙ୍କ ନିଜସ୍ୱ ପଞ୍ଚାୟତ। କେଉଁ କାରଣରୁ ଗ୍ରାମୀଣ ବଜାର ଲୋକଙ୍କ ସେବାରେ ଲାଗିପାରୁନି ସେ ସମ୍ପର୍କରେ ବିଡିଓ ପଞ୍ଚାନନ ପଟାୟତଙ୍କୁ ପଚାରିବାରେ ସ୍ପଷ୍ଟ ଭାବେ କୌଣସି ମତ ସେ ରଖି ପାରୁନାହାନ୍ତି। ତେବେ କ'ଣ ହୋଇଛି ପଚାରି ବୁଝିବେ ବୋଲି କହିଛନ୍ତି। ପଞ୍ଚାୟତ ବୈଠକରେ ୱାର୍ଡ ସଭ୍ୟ ସୁକାନ୍ତ ସ୍ୱାଇଁ, ଦେବେନ୍ଦ୍ର ଓଝା, ବନ୍ଧୁ ଚରଣ ନାୟକଙ୍କ ସମେତ ଅନ୍ୟ ସଭ୍ୟମାନେ ଗ୍ରାମୀଣ ବଜାର ସମ୍ପର୍କରେ ଅଧକ୍ଷା ବଳଙ୍କୁ ଜଣାଇଥିଲେ। ଅଢେଇ ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ଅଭିଯୋଗ କରିଛନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ମାଧବୀ ଓଝା, ଶାନ୍ତିଲତା ମଲ୍ଲିକ, ପ୍ରିୟତମା ମଲ୍ଲିକ, ନାରାୟଣ ସ୍ୱାଇଁଙ୍କ ସମେତ ଅନେକ ଏସ୍‌ଏଚଜି ମହିଳା ଓ ବ୍ୟବସାୟୀ ଦାବି ଜଣାଇଛନ୍ତି।

## ଗୋରୁ ଚୋରି ର୍ୟାକେଟ ସକ୍ରିୟ: ଫାଣ୍ଡିରେ ୨ ଅଟକ

ରଘୁନାଥପୁର, ୩୦।୬ (ଡି.ଏନ.ଏ.)

ରଘୁନାଥପୁର ବ୍ଲକ ଛପଡା ଜଇପୁର ଅଞ୍ଚଳରେ ଗୋରୁ ଚୋରି ର୍ୟାକେଟ୍ ସକ୍ରିୟ ହୋଇଛି। ଏହି ଘଟଣାରେ ତିର୍ତ୍ତୋଲ ଥାନା କୃଷ୍ଣାନନ୍ଦପୁର ଫାଣ୍ଡି ପୋଲିସ ୨ଜଣଙ୍କୁ ଅଟକ ରଖିଛି। ଦୁର୍ବୃତ୍ତମାନେ ଚତୁରତାର ମଧରାତ୍ରିରେ ଗୁହାଳୁ, ଦିନରେ ନଈ ପଠାରେ ଗୋରୁ ଚରୁଥିବା ଅବସ୍ଥାରେ ଚୋରାଇ ନେଉଛନ୍ତି। ଅଦ୍ୟାବଧି ଜଇପୁର ଅଞ୍ଚଳରୁ ରବୀନ୍ଦ୍ର ପଟ୍ଟନାୟକ, ପାଣ୍ଡୁ ଦାସ, ଫକୀର ନାୟକଙ୍କ ଗୋଟିଏ ଲେଖାଏ, ଉପନ ସେଠୀଙ୍କ ଦୁଇଟି ଗାଈ ଦୁର୍ବୃତ୍ତମାନେ ଚୋରି କରି ନେଇଛନ୍ତି। ପଦ୍ମନାଭ ନାୟକଙ୍କ ଗାଈ ଚୋରି କରି ନେଉଥିବା ବେଳେ ଲୋକେ ପାଟି କରିବାରୁ ଗାଈକୁ ଚାଡି ଦୁର୍ବୃତ୍ତ ମାନେ ପଳାଇ ଯାଇଥିଲେ। କୃଷ୍ଣାନନ୍ଦପୁର ଫାଣ୍ଡି ଅଞ୍ଚଳରେ ଗୋଟିଏ ଗାଈ ଚୋରି ହେବା ଘଟଣାରେ ପୋଲିସ ୨ ଜଣଙ୍କୁ ସନ୍ଦେହରେ ଅଟକ ରଖିଛି। ସେମାନେ ହେଲେ ଶେଖ ରହିମ୍ ଉଦ୍ଦିନ ଓ ଶେଖ ରମଜାନୀ ବୋଲି ଏସ୍‌ଆଇ ଜ୍ୟୋତିଶଙ୍କର ସାହୁ ପ୍ରକାଶ କରିଛନ୍ତି। ତେବେ ଜେରାବେଳେ ସେମାନେ ଜଇପୁର ଅଞ୍ଚଳରୁ ଗାଈ ଚୋରି କରିଥିବା ସ୍ୱୀକାର କରିଥିବା ଏସ୍‌ଆଇ ସାହୁ କହିଛନ୍ତି। ହେଲେ ଜଇପୁର ଅଞ୍ଚଳରୁ ଗାଈ ଚୋରି ନେଇ କୌଣସି ଅଭିଯୋଗ ହୋଇ ନ ଥିବା ସେ କହିଛନ୍ତି। ଏମାନେ ଚୋରି କରି ନେଉଥିବା ଗାଈ ବାହାରକୁ ଚାଲାଣ କରୁଥିବା ଓ ଏକ ର୍ୟାକେଟ୍ ଏହା ପଛରେ କାମ କରୁଛି ବୋଲି ଅନୁମାନ କରାଯାଉଛି।

## ସତ୍ୟସାଇ ସେବାଶ୍ରମର ଅମୃତ ବିନ୍ଦୁ

ପାରାଦୀପ, ୩୦।୬(ସ୍ୱ.ପ୍ର.)

ପାରାଦୀପ ନୂଆବଜାରସ୍ଥିତ ସତ୍ୟସାଇ ସେବାଶ୍ରମରେ ରବିବାର ଅମୃତବିନ୍ଦୁ ବା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ସତ୍ୟସାଇ ସେବା ସମିତି ଓ କଟକ ରେଡ୍‌କ୍ରସ ପକ୍ଷରୁ ଆୟୋଜିତ ଏହି ଶିବିରରେ ୬୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଉକ୍ତ ଶିବିରକୁ ବନ୍ଦର ସିଏମ୍‌ଇ ସରୋଜ କୁମାର ଦାସ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ସତ୍ୟସାଇ ଟ୍ରଷ୍ଟର ଆବାହକ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଦାଶରଥୀ ପୃଷ୍ଟି, ପ୍ରଶାନ୍ତ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ପୋର୍ଟ ଡିଏଲ୍‌ଆରଙ୍କ ବର୍ଦ୍ଧିତ ମଜୁରି ଚୁକ୍ତି ସ୍ୱାକ୍ଷର

ପାରାଦୀପ,୩୦।୬(ସ୍ୱ.ପ୍ର.)

ପାରାଦୀପ ପୋର୍ଟରେ କାର୍ଯ୍ୟରତ ଡିଏଲ୍‌ଆର (ଡେଲି ଲେବର ରେଟ୍)ଙ୍କ ବର୍ଦ୍ଧିତ ମଜୁରୀ ଚୁକ୍ତି ଗତ ୨୮ ତାରିଖରେ ସ୍ୱାକ୍ଷରିତ ହୋଇଛି। ଏଥିରେ ୧୦୬୦ରୁ ଅଧିକ ଶ୍ରମିକ ଉପକୃତ ହେବେ ବୋଲି ଜଣାଯାଇଛି। ବର୍ଦ୍ଧିତ ମଜୁରୀ ଭାବେ ଶ୍ରମିକମାନେ ଏବେ ଅତିକୁଶଳୀ ଦୈନିକ ୩୯୦, ଅର୍ଦ୍ଧକୁଶଳି ୪୫୭, କୁଶଳି ୫୫୧ ଓ ଅତିକୁଶଳି ୬୪୫ ଟଙ୍କା ପାଇବେ। ଏଥିସହ କ୍ୟାଣ୍ଟିନ ଆଲାଉନ୍ସ ଦୈନିକ ୩୭ ଟଙ୍କା, ସଫା ପାଇଁ ୧୩ ଟଙ୍କା, ଯାତାୟାତ ଖର୍ଚ୍ଚ, ୨୦ ଦିନରେ ଥରେ ଛୁଟି, ବର୍ଷକୁ ଗୋଟିଏ ହେଲ୍‌ମେଟ୍, ଜୋତା ହଳେ, ଗୋଟିଏ ରେନ୍ କୋଟ ଓ ୨ ହଳ ପୋଷାକ ମିଳିବ। ସବୁଠାରୁ ବଡ଼ ସୁବିଧା ହେଲା ସମସ୍ତ ଶ୍ରମିକଙ୍କୁ ବୀମାଭୁକ୍ତ କରାଯାଇଛି। ସ୍ୱାଭାବିକ ମୃତ୍ୟୁ ପାଇଁ ୫ଲକ୍ଷ ଟଙ୍କା, ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ୧୫ ଲକ୍ଷ ଟଙ୍କା କରାଯାଇଛି ବୋଲି ବନ୍ଦର ପକ୍ଷରୁ ଶ୍ରମିକ ସଂଘକୁ ଜାରି ହୋଇଥିବା ଚିଠି (ନଂ.୨୦୭୭)ରେ ଦର୍ଶାଯାଇଛି। ଏପରି ବର୍ଦ୍ଧିତ ସୁବିଧା ଓ ମଜୁରି ପାଇଁ ଅରିନ୍ଦମ ସର୍ଖେଲ (ବାପି)ଙ୍କ ଉଦ୍ୟମକୁ ପାରାଦୀପ-ଶିଳ୍ପାଞ୍ଚଳ ଶ୍ରମିକ ସଂଘ ସମସ୍ତ ଶ୍ରେୟ ଦେଇଛି। ବନ୍ଦରରେ କାର୍ଯ୍ୟରତ ଡିଏଲ୍‌ଆରଙ୍କ ପାଇଁ ସର୍ଖେଲଙ୍କ ନେତୃତ୍ୱରେ ୨୦୧୭ରେ ଏକାଧିକ ଥର ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଗତବର୍ଷ ପ୍ରଥମ ପର୍ଯ୍ୟାୟରେ ୮୧୧ ଶ୍ରମିକଙ୍କ ମଜୁରି ବୃଦ୍ଧି ପାଇଥିଲା। ଚଳିତଥର ସମସ୍ତ ଠିକା ଶ୍ରମିକଙ୍କ ପାଇଁ ସଂଘ ପକ୍ଷରୁ ଏକାଧିକଥର ଚିଠି କରାଯିବା ସହ ଲେବର ଟ୍ରଷ୍ଟି ପରେଶ ମୁର୍ମୁଙ୍କ ଟ୍ରଷ୍ଟବୋର୍ଡ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଥିଲା। ପରେ ବନ୍ଦର ପ୍ରଶାସନ ଏନେଇ ଏକ କମିଟି ଗଠନ କରିଥିଲେ, ଯେଉଁଥିରେ ବନ୍ଦରର ୫ଜଣ ବିଭାଗୀୟ ମୁଖ୍ୟ ସଦସ୍ୟ ଥିଲେ। କେନ୍ଦ୍ର ସରକାରଙ୍କ ମଜୁରି ଚୁକ୍ତି ଓ କମିଟିର ନିଷ୍ପତ୍ତି କ୍ରମେ ନୂତନ ଚୁକ୍ତି ହୋଇଥିବା ବନ୍ଦର ସଚିବ ବିମଳ କୁମାର ଝା ଚିଠିରେ ଦର୍ଶାଇଛନ୍ତି। ଶ୍ରମିକଙ୍କ ନାର୍ଯ୍ୟ ଦାବିକୁ ବନ୍ଦର କର୍ତ୍ତୃପକ୍ଷ ସମ୍ମାନ ଦେଇଥିବାରୁ ଅଧକ୍ଷ ରିଙ୍କେଶ ରାୟଙ୍କୁ ସର୍ଖେଲ କୃତଜ୍ଞତା ଜଣାଇଛନ୍ତି।

## ଜୁଲାଇରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଜନଶୁଣାଣି

ଜଗତ୍‌ସିଂହପୁର ଅଫିସ, ୩୦।୬

ଜଗତ୍‌ସିଂହପୁର ଜିଲା ପ୍ରଶାସନ ତରଫରୁ ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର କରାଯିବ ବୋଲି ସ୍ଥିର ହୋଇଛି। ଏହି ଶିବିର ଜିଲାର ବିଭିନ୍ନ ବ୍ଲକ ସମେତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଜୁଲାଇ ୧ରେ ଏରସମା ବ୍ଲକ କାର୍ଯ୍ୟାଳୟ, ୮ରେ କୁଜଙ୍ଗ, ୧୫ରେ ଜିଲାପାଳଙ୍କ କାର୍ଯ୍ୟାଳୟ, ୨୨ରେ ବିରିଡ଼ି ଓ ୨୯ ତାରିଖରେ ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟରେ ଶୁଣାଣି କରାଯିବାକୁ ସ୍ଥିର ହୋଇଛି। ସେହିପରି ଅଗଷ୍ଟ ମାସ ୫ରେ ରଘୁନାଥପୁର, ୧୩ରେ ବାଲିକୁଦା, ୧୯ରେ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ଓ ୨୬ରେ ନାଉଗାଁ ବ୍ଲକ କାର୍ଯ୍ୟାଳୟରେ ଶୁଣାଣି କରାଯିବ। ସେପ୍ଟେମ୍ବର ମାସ ୧୦ ତାରିଖରେ ଏରସମା, ୧୬ରେ କୁଜଙ୍ଗ, ୨୩ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ୩୦ ତାରିଖରେ ବିରିଡ଼ି ବ୍ଲକ କାର୍ଯ୍ୟାଳୟଠାରେ ଶୁଣାଣି ହେବ। ଏହିସବୁ ଶିବିରଗୁଡିକରେ ଜିଲାପାଳଙ୍କ ସମେତ ଏସ୍‌ପି, ଅତିରିକ୍ତ ଜିଲାପାଳ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ, ଉପ ଜିଲାପାଳ, ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ରହିବେ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାୟ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଶୁଣାଣିଗୁଡିକରେ ଅଧିକ ସଂଖ୍ୟକ ଜନସାଧାରଣ ଯୋଗଦେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ରାଜାଙ୍କ ପାଖରେ ପହଞ୍ଚିଲା ଶ୍ରୀଜୀଉଙ୍କ ସୁସ୍ଥ ହେବା ଖବର



ଶ୍ରୀଜୀଉଙ୍କ ସୁସ୍ଥ ହେବା ଖବର ଦେବାପାଇଁ ସେବାୟତମାନେ ରାଜପ୍ରାସାଦକୁ ଯାଉଛନ୍ତି।

ବିରିଡ଼ି/ବାଲିଆ, ୩୦।୬(ଡି.ଏନ.ଏ.)

ବିରିଡ଼ି ବ୍ଲକ ହାଜିପୁରସ୍ଥିତ ମହାପୁରଷ ପଞ୍ଚସଖାଙ୍କ ସାଧନାର କ୍ଷେତ୍ର ପବିତ୍ର ଧାନକୁଦ ପୀଠ ଶ୍ରୀଜଗନ୍ନାଥ ମନ୍ଦିରରେ ରଥଯାତ୍ରା ନିମନ୍ତେ ସମସ୍ତ ନୀତିକାନ୍ତି ଯଥାରୀତି ଚାଲିଛି। ରବିବାର ଦ୍ୱାଦଶୀ ତିଥିରେ ବିଶ୍ୱାବସୁ ବିଭୁଦତ୍ତ ସାହୁ ମନ୍ଦିରର ସମସ୍ତ ଦଇତାପତି ସେବାୟତମାନଙ୍କୁ ନେଇ ରାଜ ପ୍ରାସାଦରେ ରାଜାଙ୍କୁ ଭେଟି ଶ୍ରୀଜୀଉଙ୍କ ସୁସ୍ଥ ହେବା କଥା ଜଣାଇଛନ୍ତି। ସେଠାରେ ସମସ୍ତ ଦଇତାପତି ସେବକମାନଙ୍କୁ ଫୁଲ ଚନ୍ଦନ ଦେଇ ରାଜପ୍ରାସାଦକୁ ସ୍ୱାଗତ କରି ନିଆଯାଇଥିଲା। ପ୍ରକାଶ ଯେ, ଶ୍ରୀଜୀଉମାନେ ସ୍ନାନ ମଣ୍ଡପରେ ସ୍ନାନ କରିବା ପରେ ୧୨ ଦିନ ଧରି ଅଣସର ଘରେ ଅସୁସ୍ଥ ଥିଲେ। ପଞ୍ଚମୀ ତିଥିରେ ଶ୍ରୀଜୀଉମାନଙ୍କୁ ଫୁଲୁରି ତେଲ ଓ ଓଶଲାଗି କରାଯାଇଥିଲା। ଏକାଦଶୀ ତିଥିରେ ଶ୍ରୀଜୀଉଙ୍କୁ ଖଳିଲାଗି ଓ ଖଣ୍ଡୁଆ ଲାଗି କରାଯାଇଥିଲା। ରାଜବୈଦ୍ୟ କବିରାଜ ବିଭୂତି ଭୂଷଣ ଦାଶଙ୍କଠାରୁ ଅଣାଯାଇଥିବା ମହୋଷଧି ପତି ମହାପାତ୍ରଙ୍କ ଦ୍ୱାରା ମହାପ୍ରଭୁଙ୍କୁ ଅର୍ପଣ କରାଯାଇଥିଲା। ମହୋଷଧି ସେବନ ପରେ ଶ୍ରୀଜୀଉମାନେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି। ବିଶ୍ୱାମସୁ ସାହୁ, ବାଡଗ୍ରାହୀ ରବିନାରାୟଣ ଜେନା, ସନ୍ତୋଷ କୁମାର ମହାନ୍ତି, ପୀଠାଧିଶ ଆଚାର୍ଯ୍ୟ ଅରକ୍ଷିତ ଦାସ ମହାରାଜ ଦଇତାପତି ସେବକମାନଙ୍କ ସହ ଥାଳିରେ ଶ୍ରୀଜୀଉଙ୍କ ଅଙ୍ଗଲାଗି ଚନ୍ଦନ, କରାଳ, ପାଟଡୋରୀ ନେଇ ରାଜପ୍ରାସାଦକୁ ବିଜେ କରିଥିଲେ। ସେଠାରେ ଧାନକୁଦ ମନ୍ଦିର ରାଜା ପ୍ରମୋଦ କୁମାର ନନ୍ଦିଙ୍କ ଅନୁପସ୍ଥିତିରେ ମୁଦିରସ୍ତ ବିଜୟ କୁମାର ମିଶ୍ରଙ୍କୁ ମହାପ୍ରଭୁଙ୍କ ସୁସ୍ଥ ହେବା କଥା ଜଣାଇଥିଲେ। ରାଜଗୁରୁ ତୀର୍ଥାନନ୍ଦ ଦାଶ, କୋଠକରଣ ବାମଦେବ ସ୍ୱାଇଁ, ତଡଉକରଣ ବ୍ରଜ କିଶୋର ମହାନ୍ତି, ବିଦ୍ୟାପତି ବିଷ୍ଣୁ ଚନ୍ଦ୍ର ମିଶ୍ର ଆଦିଙ୍କୁ ନବବସ୍ତ୍ର ପ୍ରଦାନ କରାଯାଇଥିଲା। ଆସନ୍ତା ମଙ୍ଗଳବାର ଶ୍ରୀଜୀଉଙ୍କ ନବଯୌବନ ଦର୍ଶନ, ବୁଧବାର ଉଭାଯାତ୍ରା, ଗୁରୁବାର ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ରଥ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଶ୍ରୀଗୁଣ୍ଡିଚା ମନ୍ଦିର ପରିସର ସଫେଇ ଓ ବିଦ୍ୟୁତ୍ ସଂଯୋଗ କାର୍ଯ୍ୟ ସରିଛି ବୋଲି ବିଶ୍ୱାବସୁ ସାହୁ ରାଜସଭାରେ ଜଣାଇଥିଲେ।

## ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପ୍ରକଟ୍ୟ ଦିବସ




କାର୍ଯ୍ୟକ୍ରମରେ ଉପସ୍ଥିତ ଆଦିତ୍ୟବାହିନୀର କାର୍ଯ୍ୟକର୍ତ୍ତା।

ରଘୁନାଥପୁର, ୩୦।୬ (ଡି.ଏନ.ଏ.)

ରଘୁନାଥପୁର ଆଦିତ୍ୟ ବାହିନୀ ଓ ରାଜ୍ୟସ୍ତରୀୟ ଗୀତାଜ୍ଞାନ ଯଜ୍ଞ କମିଟି ପକ୍ଷରୁ ସ୍ଥାନୀୟ ମହାତ୍ମା ଗାନ୍ଧୀ ସଭାକକ୍ଷରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜଙ୍କ ୭୬ତମ ପ୍ରକଟ୍ୟ ଦିବସ ରବିବାର ପାଳିତ ହୋଇଯାଇଛି। ଆଦିତ୍ୟ ବାହିନୀ ପକ୍ଷରୁ ବିଜୟ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଧର୍ମସଭାରେ ମାନବ ଜାତିର କଲ୍ୟାଣ, ହିନ୍ଦୁଧର୍ମର ସୁରକ୍ଷା ଓ ଜଗନ୍ନାଥଙ୍କ ମହିମା ସମ୍ପର୍କରେ ପ୍ରଚାର ପ୍ରସାର କରୁଥିବା ଜଗଦ୍‌ଗୁରୁଙ୍କ ନିକଟରେ ମାନବ ସମାଜ ଚିର ଋଣି ବୋଲି ପ୍ରକାଶ କରିଥିଲେ। ସଭାରେ ପଣ୍ଡିତ ଶ୍ରୀବତ୍ସ ଦାସମହାପାତ୍ର, ଅଧାପକ ଶରତ କୁମାର ରାଉତରାୟ, ପୂର୍ବତନ ଶିକ୍ଷା ପରିଷଦ ଡେପୁଟି ସେକ୍ରେଟାରୀ ରବୀନ୍ଦ୍ର କୁମାର ମହାପାତ୍ର, ପୂର୍ବତନ ଅଧକ୍ଷ ଅଜୟ ଦାସ, ଅଧାପକ ରମାରଞ୍ଜନ ସ୍ୱାଇଁ, ଆଇନଜୀବୀ ଏମ୍.ଏନ. ହର୍ଷବର୍ଦ୍ଧନ, ପ୍ରଧାପକ ଅଜିତ ମୁଖାର୍ଜି, ଭଗବାନ ବିଶ୍ୱାଳ, ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତ, ପ୍ୟାରୀମୋହନ ପଟ୍ଟନାୟକ ପ୍ରମୁଖ ଧର୍ମସଭାରେ ଯୋଗଦେଇ ମାନବ କଲ୍ୟାଣ ପାଇଁ ଜଗଦ୍‌ଗୁରୁଙ୍କ ଭୂମିକା ଚିର ବନ୍ଦନୀୟ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ଚାରାରୋପଣ, ସନ୍ଧ୍ୟାରେ ଗୁରୁବନ୍ଦନା କରାଯିବା ସହ ନାମ ସଂକୀର୍ତ୍ତନ କରାଯାଇଥିଲା।

## ଏକାଧିକ ନଳକୂପରୁ ହ୍ୟାଣ୍ଡେଲ ଚୋରି

ବାଲିଆ, ୩୦।୬

ବିରିଡ଼ି ବ୍ଲକର ବିଭିନ୍ନ ସ୍ଥାନରେ ଥିବା ସରକାରୀ ନଳକୂପଗୁଡିକରୁ ଦୁର୍ବୃତ୍ତମାନେ ହ୍ୟାଣ୍ଡେଲ ଚୋରି କରିନେଇଛନ୍ତି। ଫଳରେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହାଟ ମଧରେ ଥିବା ନଳକୂପ, ବ୍ଲକ ପଛପଟ ମାଛଗାଁ କେନାଲ ନିକଟ ମଶାଣି ପାଖରେ ଥିବା ନଳକୂପ ସମେତ ୪ଟି ନଳକୂପରୁ ହ୍ୟାଣ୍ଡେଲ ଚୋରି ହୋଇଛି। ସରକାର ବହୁ ଅର୍ଥ ବ୍ୟୟ କରି ନଳକୂପ ବସାଇଥିବାବେଳେ ଦୁର୍ବୃତ୍ତମାନେ ହ୍ୟାଣ୍ଡେଲ ଖୋଲି ନେଇଥିବାରୁ ଲୋକେ ପାଣି ପାଇବାରେ ଅସୁବିଧା ହେଉଛି। ଅଞ୍ଚଳରେ ବେଆଇନ୍ ନିଶା କାରବାର ବୃଦ୍ଧି ପାଉଥିବାରୁ ଚୋରି ମଧ ବଢୁଛି। ପ୍ରତି ହାଟ ପାଳିରେ ଏଠାକୁ ଶହ ଶହ ଲୋକ ଆସୁଛନ୍ତି। ତେଣୁ ତୁରନ୍ତ ନଳକୂପ ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ରାସ୍ତା ବିପର୍ଯ୍ୟସ୍ତ, ଠିକାଦାରଙ୍କ ଦେଖାନାହିଁ

ନାଉଗାଁ,୩୦।୬(ସ୍ୱ.ପ୍ର.)



ବିପର୍ଯ୍ୟସ୍ତ ରାସ୍ତା ପାର୍ଶ୍ୱରେ ଗଦା ହୋଇଥିବା ମୋରମ ଓ ମେଟାଲ।

- ରାସ୍ତାରେ ଗଦାହୋଇଛି ବାଲି, ମେଟାଲ, ଡଷ୍ଟ
- ଅସରାଏ ବର୍ଷାରେ ଯାତାୟାତ ବାଧାପ୍ରାପ୍ତ

ନାଉଗାଁ ବ୍ଲକର ବିଭିନ୍ନ ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ମରାମତି ଅଭାବରୁ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅବସ୍ଥା ଏଭଳି ହୋଇ ଯେ, ଗାଡ଼ି ଚଳାଚଳ ତ ଦୂରର କଥା ଚାଲିକି ଯିବା ମଧ କଷ୍ଟକର। ରାସ୍ତା ମରାମତି ପାଇଁ ଠିକାଦାର ଚୟନ କରାଯାଇଛି। ଠିକାଦାର ବାଲି, ଗୋଡି ଆଦି ରାସ୍ତା ପାର୍ଶ୍ୱରେ ଗଦା କରିଛନ୍ତି। କେତେକ ସ୍ଥାନରେ ରାସ୍ତା ପାର୍ଶ୍ୱ ଖୋଳାଯାଇଛି। କିନ୍ତୁ ଆଉ ଠିକାଦାରଙ୍କ ଦେଖା ମିଳୁନାହିଁ କି ରାସ୍ତା ମରାମତି ହେଉନାହିଁ। ଫଳରେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେପଟେ ବିଭାଗ ପକ୍ଷରୁ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ନାଉଗାଁ-ଡାବର ୮ କି.ମି. ରାସ୍ତା ୨୦୦୨-୦୩ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମାଣ ହୋଇଥିଲା। ଏହା ପରେ ଆଉ ଉକ୍ତ ରାସ୍ତା ମରାମତି ହୋଇନାହିଁ। ଫଳରେ ରାସ୍ତାସାରା ଖାଲଖମାରେ ଭର୍ତ୍ତି ହୋଇଛି। ଅର୍ଥ ନ ଥିବାରୁ ତାହା ମରାମତି କରାଯାଉ ନ ଥିବା କୁହାଯାଉଥିଲା। ଯାହା ହେଉ ଚଳିତ ଆର୍ଥିକ ବର୍ଷରେ ଏହି ରାସ୍ତା ମରାମତି ପାଇଁ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ଠିକାଦାରକୁ କାର୍ଯ୍ୟାଦେଶ ଦିଆଯାଇଛି। କିନ୍ତୁ ଠିକାଦାର ରାସ୍ତାର ଦୁଇ ପାର୍ଶ୍ୱକୁ ମାର୍ଚ୍ଚ ମାସରେ ଖୋଳିଥିଲେ ମଧ କାର୍ଯ୍ୟ କରି ନ ଥିଲେ। ବାତ୍ୟା ଫନୀ ପରେ ଏହି ରାସ୍ତା ଅଧିକ ଶୋଚନୀୟ ହୋଇପଡିଥିଲା। ପୂର୍ବରୁ ରାସ୍ତା ଯେଭଳି ଥିଲା, ଉଭୟ ପାର୍ଶ୍ୱ ଖୋଳିବା ପରେ ଅଧିକ ବିପର୍ଯ୍ୟସ୍ତ ହୋଇଗଲା। ମରାମତି ଆଳରେ ଠିକାଦାର ଗତ ୮ ଦିନ ହେଲା ରାସ୍ତାର ଉଭୟ ପାର୍ଶ୍ୱରେ ମେଟାଲ, ମୋରମ, ବାଲିମିଶା ଡଷ୍ଟ ଆଦି ପକାଇଛନ୍ତି। ହେଲେ ଏବେ ଆଉ ତାଙ୍କ ଦେଖା ମିଳୁନାହିଁ। ବର୍ତ୍ତମାନ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଖୋଲିଥିବାବେଳେ ବର୍ଷା ଆରମ୍ଭ ହୋଇଯାଇଛି। ଫଳରେ ରାସ୍ତାରେ ସୃଷ୍ଟି ହୋଇଥିବା ଖାଲରେ ପାଣି ଜମି ରହୁଛି। ରାସ୍ତା ପାର୍ଶ୍ୱରେ ବାଲି, ମେଟାଲ, ମୋରମ ଆଦି ଗଦାହୋଇ ରହିଥିବାରୁ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ପିଲାମାନେ ମଧ ବିଦ୍ୟାଳୟ ଯିବାରେ ଅସୁବିଧା ହେଉଛି। ଏହି ରାସ୍ତାଟି ନାଉଗାଁ ବ୍ଲକଠାରୁ ତିହୁଡ଼ା, ଗୋଠଦା, ଅରିଓଦା, ଦହିପାଳ, ତିରୁଣା, ମହନାପାରି, ଡାବର ଦେଇ ମାଛଗାଁକୁ ସଂଯୋଗ କରୁଛି। ଏଥିସହ ଡାବର ପଞ୍ଚାୟତର ଦେଓପଡ଼ା ଦେଇ ବାଲିକୁଦା ବ୍ଲକକୁ ସଂଯୋଗ କରୁଛି। ବାଲିକୁଦା, ମାଛଗାଁ ଓ ନାଉଗାଁ ବ୍ଲକର ତିରୁଣା, ଡାବର ପଞ୍ଚାୟତର ଜନସାଧାରଣ ଏହି ରାସ୍ତା ଦେଇ ବ୍ଲକ, ତହସିଲ ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥାନ୍ତି। ତେଣୁ ତୁରନ୍ତ ଏହି ରାସ୍ତା ନିର୍ମାଣ ପାଇଁ ଦାବି ହେଉଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ବିନୋଦ ତରାଇ କହିଛନ୍ତି ଯେ, କାର୍ଯ୍ୟରେ ବିଳମ୍ବ ହେତୁ ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

## ସଂକ୍ଷେପରେ

### ହଂସୁଆ ସେତୁ ଉପରୁ ନଦୀକୁ ଡେଇଁ ବୃଦ୍ଧାଙ୍କ ଆତ୍ମହତ୍ୟା ଉଦ୍ୟମ

ରାଜନଗର, ୩୦।୬(ଡି.ଏନ.ଏ.)
ରାଜନଗର ବଜାର ନିକଟ ହଂସୁଆ ସେତୁ ଉପରୁ ରବିବାର ଅପରାହ୍ନରେ ରାଜନଗର ବ୍ଲକ ବଧି ଗାଁର ୭୦ ବର୍ଷୀୟ ବୃଦ୍ଧା ଖୁଲଣା ସାମଲ ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେତୁ ଉପରୁ ପ୍ରାୟ ୩୦ ଫୁଟ ତଳକୁ ପାଣିରେ ପଡିବା ପରେ ସେ ସୁଅରେ ଭାସି ଯାଇଥିଲେ। ଡେଇଁବା ସ୍ଥାନ ଠାରୁ ପ୍ରାୟ ୫ ଶହ ମିଟର ଭାସିଯିବା ପରେ ସେଠାରେ ଥିବା ସ୍ଥାନୀୟ ଲୋକେ ଦେଖି ମତ୍ସ୍ୟଜୀବୀଙ୍କ ସହାୟତାରେ ବୃଦ୍ଧାଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଖବରପାଇ ତାଙ୍କ ପୁଅ ଡାକ୍ତରଖାନାରେ ପହଞ୍ଚି ମାଆଙ୍କୁ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ବୃଦ୍ଧା ଜଣଙ୍କ ନଦୀକୁ ଡେଇଁବାର କାରଣ ଜଣାପଡିନାହିଁ।

### ଚିଙ୍ଗୁଡିଘେରି ଉଚ୍ଛେଦ କାର୍ଯ୍ୟ ଜୋରଦାର

ମହାକାଳପଡା,୩୦।୬(ଡି.ଏନ୍.ଏ.): ମହାକାଳପଡା ବ୍ଲକରେ ପ୍ରଶାସନ ପକ୍ଷରୁ ଚିଙ୍ଗୁଡି ଘେରି ଉଚ୍ଛେଦ କାର୍ଯ୍ୟ ଜୋରଦାର କରାଯାଇଛି। ସ୍ଥାନୀୟ ବଉଲକଣୀ ପଞ୍ଚାୟତ ଅନ୍ତର୍ଗତ ଗୋବରୀ ନଦୀ ପାର୍ଶ୍ୱ କାଂସପାଳ ମଠ ଘେରି ଗ୍ରାମର ୨ ହେକ୍ଟର ଓ ସ୍କୁଲ ଘେରି ଗ୍ରାମର ୧ ହେକ୍ଟର ଜମିରେ ଶନିବାର ଉଚ୍ଛେଦ କାର୍ଯ୍ୟ କରାଯାଇଛି। ବ୍ଲକର ବିଭିନ୍ନ ଅଞ୍ଚଳରେ ୩୦୦ରୁ ଊର୍ଦ୍ଧ୍ୱ ଚିଙ୍ଗୁଡିଘେରି ରହିଥିବା ବେଳେ ଉଚ୍ଛେଦ ପ୍ରକ୍ରିୟା ଜାରିରହିବ ବୋଲି ମହାକାଳପଡ଼ା ତହସିଲଦାର ରମେଶ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। ମୁଖ୍ୟନଦୀର ଶହେ ମିଟର ତଥା ସମନ୍ୱିତ ଉପକୂଳ କେନାଲ ପରିଚାଳନା ପ୍ରକଳ୍ପ ମଧରେ ଚିଙ୍ଗୁଡି ଘେରି ପରିଧି ଆସୁଥିବାରୁ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। କାର୍ଯ୍ୟକ୍ରମରେ ତହସିଲଦାର ସେଠୀଙ୍କ ସମେତ ଅତିରିକ୍ତ ତହସିଲଦାର ଅଜିତ କୁମାର ସାହୁ, ଗରଦପୁର ଅତିରିକ୍ତ ତହସିଲଦାର ଉମାକାନ୍ତ ବିଶ୍ୱାଳ, ରାଜସ୍ୱ ସୁପର ଭାଇଜର ଅଶୋକ ସ୍ୱାଇଁଙ୍କ ସମେତ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।

### ହୃଦ୍‌ଘାତରେ ବୃଦ୍ଧଙ୍କ ବିୟୋଗ

ପାଟକୁରା, ୩୦।୬ (ଡିଏନ୍.ଏ)- ଗରଦପୁର ବ୍ଲକ ପାଟକୁରା ଗ୍ରାମର ଗଣେଶ୍ୱର ମଲ୍ଲିକ(୬୫)ଙ୍କର ଶନିବାର ହୃଦ୍‌ଘାତରେ ପରଲୋକ ଘଟିଛି। ସ୍ୱର୍ଗତ ମଲିକ ପୂର୍ବରୁ ପାଟକୁରା ପଞ୍ଚାୟତର ନାଏବ ସରପଞ୍ଚ ରହିଥିବା ବେଳେ ସେ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କର ଜଣେ ଦୃଢ଼ ସମର୍ଥକ ଥିଲେ। ତାଙ୍କର ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ କାଳନ୍ଦି ମୁଖାଗ୍ନି ଦେଇଥିଲେ।

## ■ ଜୁଲାଇ ୪ରେ ଶ୍ରୀବଳଦେବଜୀଉଙ୍କ ରଥଯାତ୍ରା

# ଦାନ ବାକ୍ସ ଉପରେ ନିର୍ଭର ଶ୍ରୀଜୀଉଙ୍କ ପର୍ବପର୍ବାଣି

କେନ୍ଦ୍ରାପଡା ଅଫିସ, ୩୦।୬

ଆସନ୍ତା ୩ରେ କେନ୍ଦ୍ରାପଡା ଜିଲାସ୍ଥିତ ତୁଳସୀ କ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉଙ୍କ ନେତ୍ରୋତ୍ସବ । ୪ ଓ ୫ ତାରିଖ ଦୁଇଦିନ ଧରି ଶ୍ରୀଜୀଉଙ୍କ ରଥଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ମନ୍ଦିର ଟ୍ରଷ୍ଟ ବୋର୍ଡ ଚଳଚଞ୍ଚଳ ହୋଇଉଠିଛି। ରଥ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ଶ୍ରୀଜୀଉଙ୍କ ପର୍ବପର୍ବାଣି ପାଳନରେ ଅର୍ଥ ଏକ ସମସ୍ୟା ହୋଇଛି। ଗତ ୧୬ ତାରିଖରେ ସ୍ନାନ ପୂର୍ଣ୍ଣିମା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀଜୀଉଙ୍କ ଦର୍ଶନରେ ଆସି ମନ୍ଦିରର ଉନ୍ନତୀକରଣ ପାଇଁ ୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏ ନେଇ ଟ୍ରଷ୍ଟ ବୋର୍ଡ ଓ ମନ୍ଦିର ସେବାୟତଙ୍କ ପକ୍ଷରୁ ଶନିବାର ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦିଆଯାଇଥିଲା। ଏହି ଅବସରରେ ସେମାନେ ଦର୍ଶାଇଥିଲେ ଯେ, ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ସରକାରୀ ସହଯୋଗ କମ୍ ରହୁଥିବାରୁ ଶ୍ରୀଜୀଉଙ୍କ ପର୍ବପର୍ବାଣି,



ବଳଦେବଜୀଉ ମନ୍ଦିର।

ମନ୍ଦିରର ରୀତିନୀତି ତୁଲାଇବା ପାଇଁ ଟ୍ରଷ୍ଟ ବୋର୍ଡ ଦାନବାକ୍ସ ଉପରେ ନିର୍ଭରକରୁଛି। ସେହିପରି ଗତ ୧୩ ତାରିଖରେ ରଥଯାତ୍ରାର ଖର୍ଚ୍ଚ ଅଟକଳ ଓ ପ୍ରଶାସନିକସ୍ତରରେ ପ୍ରସ୍ତୁତି ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଜିଲାପାଳ ପ୍ରେମଚନ୍ଦ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲାସ୍ତରୀୟ ଅଧିକାରୀ, ମନ୍ଦିର ଟ୍ରଷ୍ଟ ବୋର୍ଡର ନିର୍ବାହୀ ଅଧିକାରୀ, ଟ୍ରଷ୍ଟୀ, ସେବାୟତ ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ । ଚଳିତ ବର୍ଷ ରଥଯାତ୍ରା ନିମନ୍ତେ ୩୦ ଲକ୍ଷ ଟଙ୍କାର ବ୍ୟୟ ଆକଳନ କରାଯାଇଥିଲା। ଏହି ସମୟରେ ହୋଇଥିବା ଆଲୋଚନାରୁ ସୂଚନା ମିଳିଛି ଯେ, ଦୈନନ୍ଦିନ ନୀତିକାନ୍ତି, ରଥଯାତ୍ରା ଓ ଅନ୍ୟାନ୍ୟ ପର୍ବ ପର୍ବାଣୀ ପାଇଁ ବାର୍ଷିକ ୬୦ଲକ୍ଷରୁ ଅଧିକ ଟଙ୍କା ଆବଶ୍ୟକ। ତେବେ ଶ୍ରୀଜୀଉଙ୍କ ରଥଦାଣ୍ଡ, ଭୋଗ ଓ ଦୀପ ଦୋକାନ ନିଲାମରୁ ଯାହାକିଛି ମିଳେ ତାହା ମନ୍ଦିର ରୀତିନୀତିରେ ଶେଷ ହୋଇଯାଉଛି । ରଥଯାତ୍ରା ନିମନ୍ତେ ୨୦୧୧ମସିହାରୁ ବହୁ ସମୟରେ ସରକାରୀ ସହାୟତା ମିଳୁଥିବା ବେଳେ ତାହା ଯଥେଷ୍ଟ ନୁହେଁ ବୋଲି ସୂଚନା ମିଳିଛି।

୨୦୧୧ରେ ଏହି ଯାତ୍ରା ନିମନ୍ତେ ୫୦ ହଜାର ଟଙ୍କାର ସରକାରୀ ସହାୟତା ମିଳିଥିବା ବେଳେ, ୨୦୧୨ରେ କୌଣସି ସହାୟତା ମିଳି ନ ଥିଲା। ୨୦୧୩ରେ ୫୦ ହଜାର, ୨୦୧୪ରେ ସାଢେ ୩ଲକ୍ଷ ଟଙ୍କା ମିଳିଥିଲା। ସେହିପରି ୨୦୧୫ରେ ୩ଲକ୍ଷ ଟଙ୍କା, ୨୦୧୬ରେ ୨ ଲକ୍ଷ ଟଙ୍କା ମିଳିଥିବା ବେଳେ ୨୦୧୭ ରେ ଅଢେଇ ଲକ୍ଷ ଟଙ୍କା, ୨୦୧୮ ରେ ୭ ଲକ୍ଷ ସରକାରୀ ଅନୁଦାନ ମିଳିଥିଲା। ଅପରପକ୍ଷେ ଶ୍ରୀଜୀଉଙ୍କ ବହୁ ସମ୍ପତ୍ତି ଜବରଦଖଲକାରୀଙ୍କ କବଜାରେ ରହିଛି। ୧୯୭୪ ମସିହାରେ ରାଜ୍ୟ ଦେବୋତ୍ତର ବିଭାଗ ଆଇନ ଅନୁସାରେ ଇଚ୍ଛାପୁରସ୍ଥିତ ଶ୍ରୀ ବଳଦେବଜୀଉଙ୍କ ୮୬୬ ଏକର ଭୂସମ୍ପତ୍ତି ଶ୍ରୀଜୀଉଙ୍କ ନାମରେ ଫଇସଲା ହୋଇଛି। ଭୂସମ୍ପତ୍ତିର ୨୩୨ ଏକର ମାର୍ଫତଦାରଙ୍କ ନିକଟରେ ଥିବାବେଳେ ସିକିମ ପ୍ରଜାଙ୍କ ନିକଟରେ ୧୧୭ ଏକର ଜମି ରହିଛି । ସେହିପରି ୨.୨ ଏକର ଦେବସ୍ଥଳ ବ୍ୟତୀତ ୧୦ ଏକର ରଥଦାଣ୍ଡ, ୩ ଏକର ଗୋରୁହାଟ, ୮ ଏକର ପୁଷ୍କରଣୀକୁ ବାଦ୍ ଦେଲେ ୧୬୦ ଏକର ପତିତ ଜମି ରହିଛି। ଏଥିରୁ ରାଜସ୍ୱ ଆସୁନାହିଁ। ଟ୍ରଷ୍ଟବୋର୍ଡ ଅଧୀନରେ ବର୍ତ୍ତମାନ ସୁଦ୍ଧା ୧୪୬ ଏକର ଚାଷ ଜମିରୁ ଯେଉଁ ଆୟ ହେଉଛି, ସେଥିରେ ଶ୍ରୀଜୀଉଙ୍କ ନୀତିକାନ୍ତି ଓ ରଥଯାତ୍ରା ଆଦିରେ ଲାଗୁଛି। ଏଥିସହ ଶ୍ରୀଜୀଉଙ୍କ ନିଜ ଦଖଲରେ ଥିବା ୧୯୨ ଏକର ଚାଷ ଜମିରୁ ଆସୁଥିବା ଧାନ ମନ୍ଦିର କାର୍ଯ୍ୟରେ ଲାଗୁଛି। ୨୦୦୭ରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ତତ୍କାଳୀନ ଆଇନମନ୍ତ୍ରୀ ଶ୍ରୀ ବଳଦେବଜୀଉଙ୍କ ଜମିରୁ ଜବରଦଖଲ ଉଚ୍ଛେଦ କରିବା ନିମନ୍ତେ କେନ୍ଦ୍ରାପଡା ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ପ୍ରଶାସନର ଅସହଯୋଗ ଯୋଗୁ ଏହି ନିର୍ଦ୍ଦେଶନାମା ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରୁନାହିଁ । ଶ୍ରୀ ବଳଦେବଜୀଉଙ୍କ ପରମ୍ପରା ଓ ସଂସ୍କୃତିକୁ ବଜେଇ ରଖିବା ପାଇଁ ଅଧିକ ଅର୍ଥ ଆବଶ୍ୟକ ହେଉଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ ଜରୁରି ବୋଲି ଭକ୍ତ ଓ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

### ଟ୍ରକ ଧକ୍କାରେ ଷଣ୍ଢ ମୃତ, ଉତ୍ତେଜନା

ପଟ୍ଟାମୁଣ୍ଡାଇ,୩୦।୬ (ସ୍ୱ.ପ୍ର)

କଟକ-ଚାନ୍ଦବାଲି ରାସ୍ତାର ବାଇପାସ ଛକ ନିକଟରେ ଶୁକ୍ରବାର ରାତିରେ ଏକ ଟ୍ରକ ଧକ୍କାରେ ଗୋଟିଏ ଷଣ୍ଢର ମୃତ୍ୟୁ ଘଟିଛି । ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା । ଆଇଏଚଆରସି ଜିଲା ମୁଖ୍ୟ ପ୍ରତାପ ଚନ୍ଦ୍ର ପାଢୀଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଯୁବକମାନେ ମୃତ ଷଣ୍ଢକୁ ନେଇ ବେଲତଳ ମଶାଣିରେ ସମାଧି ଦେଇଥିଲେ ।

କଟକ-ଚାନ୍ଦବାଲି ରାସ୍ତାରେ ଗାଡି ଚାଳକମାନେ ବେପରୁଆ ଭାବେ ଗାଡି ଚଳାଇବା ଯୋଗୁ ଦୁର୍ଘଟଣା ଘଟୁଛି । ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି କଟକଣା ନ ଥିବାରୁ ଦୁର୍ଘଟଣାରେ କେବଳ ଗୃହପାଳିତ ପଶୁ କିମ୍ବା ଷଣ୍ଢ ନୁହେଁ ଧନ ଜୀବନ ହାନି ଘଟୁଛି । ଅନ୍ୟପକ୍ଷରେ ଏହି ରାସ୍ତାର ଦୁଇ ପାର୍ଶ୍ୱରେ କେତେକ ସ୍ଥାନରେ ବାଲି, ଇଟା, ମାଟି ଆଦି ବେଆଇନ ଭାବେ ଗଦା କରିବା, ରାସ୍ତା ଅବରୋଧ କରି ଗାଡି ପାର୍କିଂ କରିବା ଯୋଗୁ ଦୁର୍ଘଟଣା ଘଟୁଛି । ଏହି ଅବରୋଧକୁ ହଟାଇବା ପାଇଁ ବିହିତ ପଦକ୍ଷେପ ନେବା ସହ ପୋଲିସ୍ ପେଟ୍ରୋଲିଂ କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ■ ଜିଲାସ୍ତରୀୟ ସାରସ୍ୱତ ଆସର

# ଡ. ସୌଭାଗ୍ୟ ମିଶ୍ର, ଯତୀନ୍ଦ୍ର ରାଉତଙ୍କୁ ଦୀପକ ମିଶ୍ର କବିତା ସମ୍ମାନ



ସାରସ୍ୱତ ଆସରରେ ଉପସ୍ଥିତ ଅତିଥି।

କେନ୍ଦ୍ରାପଡା ଅଫିସ, ୩୦।୬

କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ କବି ଦୀପକ ମିଶ୍ର ଜୟନ୍ତୀ, ଜିଲାସ୍ତରୀୟ ସାରସ୍ୱତ ଆସର ଓ ସ୍ୱରଚିତ କବିତା ପାଠ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଓଡିଶା ସାହିତ୍ୟ ଏକାଡେମୀ ଓ ନିଖିଳ ଓଡିଶା କବି ଦୀପକ ମିଶ୍ର ସ୍ମୃତି ସଂସଦର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ. ବାସୁଦେବ ଦାସ ଅଧ୍ୟକ୍ଷତା କରିଥିଲେ। ସାରସ୍ୱତ ଆସରକୁ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥିଭାବେ ଜିଲାପାଳ ସମର୍ଥ ବର୍ମା ଓ ମୁଖ୍ୟବକ୍ତା ଭାବେ ଡ. ସୌଭାଗ୍ୟ ମିଶ୍ର ଯୋଗଦେଇଥିଲେ । ସମ୍ମାନିତ ଅତିଥିଭାବେ ଅର୍ଥ କମିଟି ସଦସ୍ୟ ରମାକାନ୍ତ ଜେନା, ପୂର୍ବତଟ ରେଳପଥର ବରିଷ୍ଠ ଅଧିକାରୀ ତଥା କବି ନିରାକାର ଦାସ, ଶିକ୍ଷାବିତ୍ ନନ୍ଦକିଶୋର ପରିଡା ଓ କବି ଯତିନ୍ଦ୍ର ରାଉତ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଅତିଥିମାନେ ସାମ୍ପ୍ରତିକ କବିତା ଓ କବି ଦୀପକ ମିଶ୍ରଙ୍କ ସାହିତ୍ୟ ଜଗତକୁ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ମୁଖ୍ୟବକ୍ତା ଡ. ମିଶ୍ର ଓ କବି ଯତିନ୍ଦ୍ର ରାଉତଙ୍କୁ ଦୀପକ ମିଶ୍ର କବିତା ସମ୍ମାନ ପ୍ରଦାନ କରାଯାଇଥିଲା । ସେହିପରି ତୁହିନା ମିଶ୍ର ଓ ପ୍ରକାଶ ମିଶ୍ରଙ୍କ ଦ୍ୱାରା ଅନୁବାଦିତ ଦୀପକ ମିଶ୍ରଙ୍କ ସାରସ୍ୱତ ସୃଷ୍ଟି ରାଗ ଦୀପକକୁ ଉନ୍ମୋଚିତ କରାଯାଇଥିଲା ସମ୍ପାଦିକା ଅବନ୍ତୀ ବେହେରା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସ୍ମୃତି କମିଟି ସଦସ୍ୟ ଆଦିକନ୍ଦ ରାଉଳ, କାକୁଲି ମଲ୍ଲିକ ଓ ପ୍ରେମଲତା ଗିରି ପ୍ରମୁଖ ଏହି ଆସରକୁ ପରିଚାଳନା କରିଥିଲେ । ୨ୟ ଅଧିବେଶନ କବିତା ପାଠ ଉତ୍ସବ ଅପରାହ୍ନରେ ହୋଇଥିଲା । ସମ୍ପାଦିକ ଅବନ୍ତୀ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଅଧିବେଶନରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ଧନଞ୍ଜୟ ସ୍ୱାଇଁ ଓ ମୁଖ୍ୟବକ୍ତାଭାବେ ଡ. ପବିତ୍ର ପାଣିଗ୍ରାହୀ ଯୋଗଦେଇଥିଲେ । ଏହି ଆରାଧନା ଦାଶ, ଚାରୁଲତା ଭୂୟାଁ, ତୁହିନା ମିଶ୍ର, ବୀଣାପାଣୀ ଚୌଧୁରୀଙ୍କ ସଂଯୋଜନାରେ ୪୦ରୁ ଅଧିକ କବି ସ୍ୱରଚିତ କବିତା ପାଠ କରିଥିଲେ । ଏହି ଉତ୍ସବକୁ କବି ଶ୍ରେଲଜା ଶଙ୍କର ସାମଲ, ଶୁଭ୍ରାଂସୁ ଶେଖର ଦାସ ଓ ମନୋଜ କୁମାର ଦାସ ପରିଚାଳନା କରିଥିଲେ।

### ସର୍ପ ଦଂଶନରେ ବୃଦ୍ଧଙ୍କ ମୃତ୍ୟୁ

ରାଜନଗର, ୩୦।୬(ଡି.ଏନ.ଏ.)

ରାଜନଗର ବ୍ଲକ ହାତୀନା ଗାଁରେ ଉତ୍ସବ ରାଉତ (୬୨)ଙ୍କର ସାପ କାମୁଡାରେ ମୃତ୍ୟୁ ଘଟିଛି। ଶନିବାର ରାତିରେ ଉତ୍ସବ ଘରେ ଶୋଇଥିଲେ। ରାତି ପ୍ରାୟ ଗୋଟାଏ ସମୟରେ ତାଙ୍କର ଗୋଡ ହାତ ଝିମ୍‌ଝିମ୍ ହୋଇ ଯାଉଥିବା ନେଇ ସେ ତାଙ୍କ ସ୍ତ୍ରୀଙ୍କୁ କହିଥିଲେ। ତାଙ୍କ ସ୍ତ୍ରୀ ନିଦରୁ ଉଠି ଟର୍ଚ୍ଚ ମାରିବାରୁ ଏକ ବିଷାକ୍ତ ଚିତି ସାପ ଘରୁ ପଦାକୁ ଚାଲି ଯିବାର ଦେଖିଥିଲେ। ଏହାଛଡା ଉତ୍ସବଙ୍କ ଗୋଡ ଆଙ୍ଗୁଠି ନିକଟରେ ଖଣ୍ଡିଆ ଚିହ୍ନ ସହ ରକ୍ତ ଝରିବା ଦେଖିଥିଲେ । ପରିବାର ଲୋକେ ଉତ୍ସବଙ୍କୁ ସାପ କାମୁଡି ଥିବା ଜାଣିବା ପରେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ତାଙ୍କୁ ରାତି ପ୍ରାୟ ୩ ଟାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଉତ୍ସବଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ନିଆଯିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଛି।



କେନ୍ଦ୍ରାପଡ଼ା ସହରସ୍ଥିତ ଶ୍ରୀବଳଦେବଜୀଉଙ୍କ ରଥ ନିର୍ମାଣ କାର୍ଯ୍ୟ ଚାଲିଛି।

# ମହୁ-କୋଳିଡିହ ରାସ୍ତା ମରାମତି ଦାବି

ଆଳି, ୩୦।୬ (ଡି.ଏନ୍.ଏ.)

ଆଳି ବ୍ଲକ ଅଧୀନ ମହୁ ପଞ୍ଚାୟତର ମହୁଠାରୁ କୋଳିଡ଼ିହ ପଞ୍ଚାୟତର କୋଳିଡ଼ିହ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ମରାମତି ଅଭାବରୁ ମରଣଯନ୍ତା ପାଲଟିଛି। ରାସ୍ତାର ପ୍ରାୟ ୨ଶହ ମିଟର ରାସ୍ତାରୁ ପିଚୁ ଉଠିଯାଇ ଖାଲଖମା ଭର୍ତ୍ତି ହୋଇଛି। ଏଥିଯୋଗୁ ଏହି ରାସ୍ତାରେ ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ରାସ୍ତା ଉପରେ ସ୍ଥାନୀୟ କୋଳିଡ଼ିହ, ବିଜୟନଗର, ଚନ୍ଦନନଗର, ଇଚ୍ଛାପୁର, ଜାମୁଦଣ୍ଡା, ତଅଁଳାଡ଼ିହା, ଦିନିଆରି, ଏକମାଣିଆ, ନଳପାହି, ଦକ୍ଷୀଣଡ଼ିହା ଆଦି ଗ୍ରାମବାସୀ ନିର୍ଭର କରନ୍ତି। ଏହାଛଡ଼ା ସ୍କୁଲ, କଲେଜ ଛାତ୍ରୀଛାତ୍ରମାନେ ଏହି ରାସ୍ତା ଦେଇ ଦୈନିକ ଯାଆସ କରନ୍ତି। ରାସ୍ତା ଦୁରାବସ୍ଥା ଯୋଗୁ ସ୍ଥାନୀୟ ଲୋକଙ୍କ ସମେତ କଲେଜ, ସ୍କୁଲ ପିଲାମାନେ ମଧ୍ୟ ହଇରାଣ ହେଉଛନ୍ତି। ଜରୁରିକାଳୀନ ସମୟରେ ଆମ୍ବୁଲାନ୍ସ କିମ୍ବା ନିଆଁ ଲିଭା ଗାଡ଼ି ଯା'ଆସ କରିବାରେ ମଧ୍ୟ ଅସୁବିଧା ହେଉଛି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଏହି ରାସ୍ତା ମରାମତି କରିବା ନିମନ୍ତେ କୋଳିଡ଼ିହ ପଞ୍ଚାୟତବାସୀ ଦାବି କରିଛନ୍ତି।



## ■ରାଜ୍ୟସ୍ତରୀୟ ପରିଚାଳନା କମିଟି ବୈଠକ

# ନଦୀର ଦୁଇ ପାର୍ଶ୍ୱରେ ଲୁଣା ଜଙ୍ଗଲ ସୃଷ୍ଟି କରାଯିବ

ରାଜନଗର, ୩୦।୬(ଡି.ଏନ.ଏ.)

ହେନ୍ତାଳ ଓ ଲୁଣା ଜଙ୍ଗଲ ସଂରକ୍ଷଣ ସଂପର୍କିତ ରାଜ୍ୟସ୍ତରୀୟ ପରିଚାଳନା କମିଟି ବୈଠକ ଭୁବନେଶ୍ୱରସ୍ଥ ରାଜ୍ୟ ସଚିବାଳୟ ଠାରେ ଶନିବାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଲୁଣା ଜଙ୍ଗଲ ବୃଦ୍ଧି ଓ ଏହାର ସଂରକ୍ଷଣ ଉପରେ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହି ଅବସରରେ ସମୁଦ୍ର କୂଳେ କୂଳେ ଲୁଣା ଜଙ୍ଗଲ ସୃଷ୍ଟି କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ରାଜନଗର ବ୍ଲକ ଦେଇ ପ୍ରବାହିତ ବିଭିନ୍ନ ନଦୀର ଦୁଇପାର୍ଶ୍ୱରେ ଲୁଣା ଜଙ୍ଗଲ ସୃଷ୍ଟି କରାଯିବ। ନଦୀକୂଳରେ ଥିବା ଚିଙ୍ଗୁଡି ଘେରିଗୁଡିକୁ ଉଚ୍ଛେଦ କରି ଲୁଣାଜଙ୍ଗଲ ନିମନ୍ତେ ବୃକ୍ଷରୋପଣ କରାଯିବ। ବୈଠକରେ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ଯୋଗଦେଇ କହିଥିଲେ ଯେ, ନଦୀକୂଳିଆ ଗାଁ ଗୁଡିକରେ କୁମ୍ଭୀର ଆତଙ୍କ ସୃଷ୍ଟି କରିଛି। କୁମ୍ଭୀର ଆକ୍ରମଣରେ ଲୋକେ ଜୀବନ ହରାଉଛନ୍ତି । ଯେଉଁ ନିରାପଦ ଗାଧୁଆ ତୁଠଗୁଡିକ ଅଛି ତାହା ଭାଙ୍ଗିରୁଜି ଗଲାଣି ବୋଲି ସେ କହିଥିଲେ। ରାଜପୁର ଠାରୁ ଆରମ୍ଭ କରି ସମସ୍ତ ନଦୀକୂଳିଆ ଗାଁଗୁଡିକରେ ଗାଧୁଆ ତୁଠ ନିର୍ମାଣ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଭିତରକନିକାକୁ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ଗୁପ୍ତି ଠାରେ ୨ଟି ପର୍ଯ୍ୟଟକ ସୁବିଧା କେନ୍ଦ୍ର ନିର୍ମାଣ ଲାଗି ନିଷ୍ପତ୍ତି ନିଆଯାଇଛି। ଏଥିସହ ଇକୋ ଟୁରିଜିମ୍‌କୁ ବ୍ୟାପକ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା, ରାଜନଗର ଡିଏଫଓ ବିମଳ ପ୍ରସନ୍ନ ଆଚାର୍ଯ୍ୟଙ୍କ ସମେତ ପୁରୀ ଡିଏଫଓ, ପରିବେଶ ବିଭାଗ ଡାଇରେକ୍ଟର, ପର୍ଯ୍ୟଟନ ବିଭାଗର ଡାଇରେକ୍ଟରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ■ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଅଭାବ

# ରୁଗ୍‌ଣ ଅବସ୍ଥାରେ ପ୍ରାଥମିକ ଶିକ୍ଷା

ଡେରାବିଶ, ୩୦।୬ (ସ୍ୱ.ପ୍ର.)




■ ଶିକ୍ଷକ ଅଭାବ, ଶିକ୍ଷାର ମାନ ହ୍ରାସ ମୁଖ୍ୟ କାରଣ
■ ବେସରକାରୀ ସ୍କୁଲ ପ୍ରତି ଆଗ୍ରହ ବଢୁଛି
■ ସରକାରଙ୍କ ସର୍ବଶିକ୍ଷା ଅଭିଯାନ ବାଟବଣା

ଶିକ୍ଷାର ବିକାଶ ପାଇଁ ସରକାର ସର୍ବଶିକ୍ଷା ଅଭିଯାନ ପ୍ରଣୟନ କରିଛନ୍ତି। ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଓ ମାଗଣା ବହି ମଧ ଯୋଗାଇ ଦିଆଯିବା ଲାଗି ବ୍ୟବସ୍ଥା କରାଯାଇଛି। ଏହାସତ୍ତ୍ୱେ କେତେକ ଗ୍ରାମାଞ୍ଚଳରେ ପିଲାମାନେ ସ୍କୁଲକୁ ଯାଉ ନ ଥିବା ବେଳେ ଶିକ୍ଷାର ମାନ ମଧ ହ୍ରାସ ପାଉଥିବା ଦେଖାଯାଉଛି। ଏଥିସହ ବହୁ ସରକାରୀ ସ୍କୁଲରେ ଶିକ୍ଷକ ପଦବୀ ଖାଲି ଯୋଗୁ ଅଭିଭାବକ ଓ ପିଲାମାନେ ବେସରକାରୀ ସ୍କୁଲ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ଏହି ଯୋଜନାରେ ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ ସ୍ଲୋଗାନ ଦିଆଯାଉଥିବା ବେଳେ ଡେରାବିଶ ବ୍ଲକ ଅଞ୍ଚଳରେ ଏହି ଯୋଜନା ସମ୍ପୂର୍ଣ୍ଣ ବାଟବଣା ହୋଇଥିବା ଦେଖାଯାଇଛି।

ଡେରାବିଶ ବ୍ଲକ ଅଧୀନ ୨୬ ପଞ୍ଚାୟତରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ପିଲା ପାଠ ପଢ଼ିବା ନିମନ୍ତେ ମୋଟ ୧୧୫ଟି ସରକାରୀ ସ୍କୁଲ ରହିଛି। ଏହି ସ୍କୁଲରେ ସମୁଦାୟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୧୧, ୭୪୫। ପିଲାଙ୍କ ପାଠପଢ଼ା ପାଇଁ ସମସ୍ତ ସୁବିଧା ସତ୍ତ୍ୱେ ସରକାରୀ ସ୍କୁଲଗୁଡ଼ିକରେ ପ୍ରତି ଶିକ୍ଷାବର୍ଷରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମୁଛି। ସରକାରୀ ସ୍କୁଲରେ ମାଗଣାରେ ସବୁ ସୁବିଧା ଉପଲବ୍ଧ ହେଉଥିବା ବେଳେ ବେସରକାରୀ ସ୍କୁଲ ପ୍ରତି ପିଲା ଓ ମା'ବାପାଙ୍କର ବିଶେଷ ଆଗ୍ରହ ପରିଲକ୍ଷିତ ହେଉଛି। ଶିକ୍ଷକ ଅଭାବ, ଶିକ୍ଷାର ମାନ ହ୍ରାସ ଯୋଗୁ ଅଭିଭାବକ ପିଲାଙ୍କୁ ବେସରକାରୀ ସ୍କୁଲରେ ପଢ଼ାଇବାକୁ ଉଚିତ ମଣୁଛନ୍ତି। ଟଙ୍କା ଖର୍ଚ୍ଚ ହେଲେ ବି ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ସକାଶେ ପିଲାମାନଙ୍କୁ ବେସରକାରୀ ସ୍କୁଲରେ ପଢ଼ାଇବାକୁ ପଡୁଥିବା କେତେଜଣ ଅଭିଭାବକ ମତ ଦେଇଛନ୍ତି। ଭିତ୍ତିଭୂମି ନ ଥାଇ ମଧ କୁଡ଼ କୁଡ଼ ବେସରକାରୀ ସ୍କୁଲ ଖୋଲୁଛି। କେତେକ ବେସରକାରୀ ସ୍କୁଲର ନିଜସ୍ୱ ଘର ନ ଥିବା ବେଳେ କେତେକର ଖେଳ ପଡ଼ିଆ ନାହିଁ। ବ୍ଲକ ଶିକ୍ଷା ବିଭାଗ କର୍ତ୍ତୃପକ୍ଷଙ୍କ ପରୋକ୍ଷ ସହଯୋଗରେ ବ୍ଲକ ଅଞ୍ଚଳରେ ଏକାଧିକ ବେସରକାରୀ ସ୍କୁଲ ଖୋଲୁଥିବା ଏଣ୍ଡର ପଞ୍ଚାୟତ ଅରାଖଣ୍ଡ ଗ୍ରାମର ବୁଦ୍ଧିଜୀବୀ ବଟକୃଷ୍ଣ ସାମଲ କହିଛନ୍ତି।

ସରକାରୀ ସ୍କୁଲରେ ସମସ୍ତ ସୁବିଧା ଦିଆଯାଉଥିବା ବେଳେ ପିଲାଙ୍କ ପାଠ ପଢ଼ା ପାଇଁ ଆବଶ୍ୟକ ଶିକ୍ଷକ ନିଯୁକ୍ତ କରାଯାଉନି। ଯାହାଫଳରେ ଗ୍ରାମାଞ୍ଚଳରେ ବି ଅଭିଭାବକ ପିଲାଙ୍କୁ ବେସରକାରୀ ସ୍କୁଲକୁ ପଠାଉଛନ୍ତି ବୋଲି ସାମାଜିକ କର୍ମୀ ଅଭିମନ୍ୟୁ ରାଉତ କହିଛନ୍ତି। ବେସରକାରୀ ସ୍କୁଲ ଖୋଲାଯିବା ନେଇ ସରକାର କଟକଣା ଜାରି କରିଥିଲେ ବି ନିୟମ ଉଲ୍ଲଂଘନ କରାଯାଇ ବହୁ ସ୍କୁଲ ଖୋଲୁଛି। ସରକାରୀ ସ୍କୁଲରେ ପିଲ କିପରି ଭଲ ପାଠ ପଢ଼ିବେ ସେ ଦିଗରେ ଚିନ୍ତା ନ କରି ବେସରକାରୀ ସ୍କୁଲ ଖୋଲିବା ଲାଗି ଅନୁମତି ପ୍ରଦାନ କରାଯାଉଥିବାରୁ ବହୁ ବୁଦ୍ଧିଜୀବୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସରକାରୀ ସ୍କୁଲରେ ନାମ ଲେଖାଇ ଅଭିଭାବକ ପିଲାଙ୍କୁ ବେସରକାରୀ ସ୍କୁଲକୁ ଅଧ୍ୟୟନ ପାଇଁ ପଠାଉଛନ୍ତି। ଯାହା ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟୟ ଆଡ଼କୁ ଗତି କରୁଥିବା ସ୍ପଷ୍ଟ କରୁଛି ବୋଲି ପ୍ରାଧାପକ ପ୍ରଭାକର ସାମଲ କହିଛନ୍ତି। ବେସରକାରୀ ସ୍କୁଲରେ ପିଲାଙ୍କ ସଂଖ୍ୟା ବଢୁଥିବା ବେଳେ ବ୍ଲକ ଅଧୀନ ବାରିମୂଳ ପଞ୍ଚାୟତ ଗଣିଆଁମୁହ ପ୍ରାଥମିକ ବିଦ୍ୟାଳୟରେ ୧୦ରୁ କମ୍ ପିଲା ଥିବାରୁ ଉକ୍ତ ସ୍କୁଲକୁ ବନ୍ଦ କରିବା ଲାଗି ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଲାଗି ସରକାରୀସ୍ତରରେ ସମସ୍ତ ବ୍ୟବସ୍ଥା କରାଯାଉଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଅଭାବରୁ ସରକାରୀ ସ୍କୁଲଗୁଡ଼ିକ ଧିରେଧିରେ ରୁଗ୍‌ଣ ଅବସ୍ଥାକୁ ଚାଲିଆସିଛି ବୋଲି ବହୁ ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ବିଇଓ ଅକ୍ଷୟ କୁମାର ସ୍ୱାଇଁଙ୍କୁ ପଚାରିବାରେ ଶିକ୍ଷାବର୍ଷ ଆରମ୍ଭରୁ ବ୍ଲକ ଅଞ୍ଚଳରେ କେତୋଟି ବିଦ୍ୟାଳୟ ଖୋଲାଯାଇଛି ଏବଂ ସେଗୁଡ଼ିକର ବୈଧତା ଅଛି କି ନାହିଁ ସେ ନେଇ ଯାଞ୍ଚ କରାଯାଉଛି ବୋଲି କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧ ଜୁଲାଇ, ୨୦୧୯



ଜଣେ ଯଦି ତୁମଠାରୁ ଭଲ ନ ହୋଇଥାଏ, ତା' ସହିତ ବନ୍ଧୁତା ବାନ୍ଧ ନାହିଁ
- କନ୍‌ଫୁସିୟସ



## ସଂକ୍ଷେପରେ

### ଜମିବାଡ଼ିକୁ କେନ୍ଦ୍ରକରି ଗଣ୍ଡଗୋଳ, ଜଣେ ଗୁରୁତର

ରତ୍ନଗିରି,୩୦।୬(ଡି.ଏନ.ଏ.): ବରୀ ବ୍ଲକ ଅଧୀନ ଅଲିପୁର ଗ୍ରାମରେ ରବିବାର ଜମିବାଡ଼ିକୁ କେନ୍ଦ୍ରକରି ଗଣ୍ଡଗୋଳ ହେବାରୁ ଜଣେ ଗୁରୁତର ହୋଇଥିବାବେଳେ ୧୩ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୁରୁତର ଶ୍ରୀକାନ୍ତ ମଲିକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ପ୍ରକାଶ ଯେ, ଉକ୍ତ ଗ୍ରାମର କୃଷ୍ଣଚନ୍ଦ୍ର ମଲିକ ଓ ମୁକ୍ତି ମଲିକଙ୍କ ପରିବାର ମଧ୍ୟରେ ଜମିଜମା ଘଟଣାକୁ ନେଇ ଦୀର୍ଘଦିନ ଧରି ତିକ୍ତତା ଲାଗି ରହିଥିଲା। ଫନୀ ବାତ୍ୟାରେ ଏକ ପଣସ ଗଛ ଉପୁଡି ପଡିବା ପରେ ଏହାର ଡାଳପତ୍ର ନେବାକୁ ନେଇ ଉଭୟ ପରିବାର ମଧ୍ୟରେ ବଚସା ହେବା ପରେ ଘଟଣା ଉଗ୍ରରୂପ ଧାରଣ କରିଥିଲା। ପରେ ଉଭୟ ପରିବାରର ସଦସ୍ୟ ପରସ୍ପରକୁ ଆକ୍ରମଣ କରିବା ଯୋଗୁ ୧୩ ଜଣ ଆହତ ହୋଇଥିବା ଜଣାପଡିଛି। ଏ ନେଇ ଉଭୟ ପକ୍ଷରୁ ବରୀ ଥାନାରେ ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ବରୀ ପୋଲିସ ପହଞ୍ଚି ତଦନ୍ତ କରି ପୃଥକ୍ ମାମଲା (ନଂ.୧୫୩/୧୯ ଓ ୧୫୪/୧୯) ରୁଜୁ କରିଛି।

### ମେଡିକାଲ ଛକ-ନୀଳକଣ୍ଠପୁର ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

ବରୀ,୩୦।୬(ସ୍ୱ.ପ୍ର.): ବିଧାୟିକା ସୁନନ୍ଦା ଦାସ ରବିବାର ବରୀ ନିର୍ବାଚନମଣ୍ଡଳୀ ଝାଲପଡ଼ା ପଞ୍ଚାୟତ ମେଡିକାଲ ଛକ-ନୀଳକଣ୍ଠପୁର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ରାସ୍ତା ପାଇଁ ୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ବରୀର ବିକାଶ ପାଇଁ ଏକ ନକ୍ସା ପ୍ରସ୍ତୁତ ସରିଛି। ବିକାଶର ଲକ୍ଷ୍ୟ ନେଇ ଯାଜପୁର ବ୍ଲକ ଅନ୍ତର୍ଭୁକ୍ତ ୮ ପଞ୍ଚାୟତରୁ ଶୁଭାରମ୍ଭ ହୋଇଛି। ବିଧାୟିକା ଦାସ ଏହାର ଶ୍ରେୟ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଓ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ଦେଇଛନ୍ତି। ଏହି ନିର୍ବାଚନମଣ୍ଡଳୀରେ ବିକାଶର ଧାରା ଜାରି ରହିବା ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି ବିଧାୟିକା କହିଛନ୍ତି। ଏହି ପରିପ୍ରେକ୍ଷୀରେ ଝାଲପଡ଼ା ପଞ୍ଚାୟତ ପକ୍ଷରୁ ବିଧାୟିକାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମିତି ସଭ୍ୟା ପ୍ରଭାତୀ ସାହୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ବରୀ ବିଜେଡିର ବିଦ୍ଧାଣି ଦେବେନ୍ଦ୍ର ଦାସ ସାଧାରଣ ଲୋକଙ୍କ ସେବାରେ ବିଜେଡି ସର୍ବଦା ରହିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଣେଶ ମହାକୁଡ଼, ସୁରେନ୍ଦ୍ରେ ସାହୁ, ପ୍ରମୋଦ ନାୟକ, ସୁନୀଲ ଜେନା, ଅନିଲ ସାହାଣୀ, ବାସୁଦେବ ସାହୁ, ପ୍ରଶାନ୍ତ ସାହୁ, ଅରୁଣ ସାହୁ, ରଞ୍ଜନ ବେହେରା ପ୍ରମୁଖ ବିଜେଡି ନେତା ଉପସ୍ଥିତ ଥିଲେ। ପ୍ରଥମେ ବିଧାୟିକା ଦାସଙ୍କୁ ବିରାଟ ଶୋଭାଯାତ୍ରାରେ ରୁଦ୍ରପୁର ଛକରୁ ଝାଲପଡ଼ା ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା। ବ୍ରାହ୍ମଣୀ ନଦୀରେ ନିର୍ମାଣାଧୀନ କାକୁଡ଼ିକୁଦ-ବ୍ରହ୍ମବରଦା ପୋଲ ସମ୍ପୂର୍ଣ୍ଣ, ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ଦୂର କରିବା ପାଇଁ ବିଧାୟିକାଙ୍କ ନିକଟରେ ଦାବି କରାଯାଇଥିଲା। ଶ୍ରମିକ ନେତା ପ୍ରଦୀପ ଦାସ ମଞ୍ଚ ସଞ୍ଚାଳନ କରିଥିଲେ।

## ■ଯାଜପୁର ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

# ଖାଲି ପଡ଼ିଛି ୬୦ ଡାକ୍ତର ପଦବୀ

ଯାଜପୁର ଟାଉନ,୩୦।୬(ଡିଏନଏ)

■୧୦ ବର୍ଷ ହେଲାଣି ଖୋଲି ପାରୁନି ଆଇସିୟୁ

■କେମୋଥେରାପୀ ମାଗଣାରେ ଯୋଗାଯିବା ଘୋଷଣା ପାଲଟିଛି ଉପହାସ

ଯାଜପୁର ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ଗତ ରୋଗୀକଲ୍ୟାଣ ସମିତି ବୈଠକରେ ଜିଲାପାଳ ସଦରମହକୁମା ଚିକିତ୍ସାଳୟରେ ମାଗଣାରେ କେମୋଥେରାପୀ ଯୋଗାଇ ଦିଆଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ୨୦୦୯ରେ ଆଇସିୟୁ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ଏହା ଖୋଲା ଯାଇପାରି ନାହିଁ କିମ୍ବା କୌଣସି ରୋଗୀଙ୍କୁ ଏହି ସୁବିଧା ଯୋଗାଇ ଦିଆଯାଇ ପାରିନାହିଁ। ଫଳରେ କେମୋଥେରାପୀ ମାଗଣାରେ ଯୋଗାଯିବା ଘୋଷଣାକୁ ଲୋକେ ଉପହାସ କରୁଥିବା ଶୁଣିବାକୁ ମିଳୁଛି। ଯାଜପୁର ଜିଲାରେ ଅଧିକାଂଶ ଠିକା ଡାକ୍ତରଙ୍କୁ ନେଇ ସ୍ୱାସ୍ଥ୍ୟସେବା ଚାଲିଥିବା ଦେଖିବାକୁ ମିଳିଛି। ରୋଗୀ ସେବା ପାଇଁ ଡାକ୍ତର ଅପରିହାର୍ଯ୍ୟ ହୋଇପଡିଥିବାବେଳେ ଡାକ୍ତର ଅଭାବ ପୂରଣ ହୋଇପାରୁ ନାହିଁ। ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ବାଦ୍‌ଦେଲେ ଜିଲାରେ ୧୧ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ ଯାଜପୁରରୋଡ ଓ ଦଶରଥପୁରକୁ ଛାଡିଦେଲେ ଅନ୍ୟ ୯ଟି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୬୦ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ମୁଖ୍ୟ ଚିକିତ୍ସାକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଏସବୁ ପାଇଁ ଯେତିକି ଡାକ୍ତରଙ୍କ ଆବଶ୍ୟକତା ରହିଛି, ତାହା ପୂରଣ ହୋଇପାରୁ ନ ଥିବାବେଳେ ସେମାନଙ୍କ ମଧ୍ୟରୁ ଅଧେ ଠିକା ଡାକ୍ତର। ଆଉ କେତେକ ସ୍ଥାନରେ ଅବସରପ୍ରାପ୍ତ ଡାକ୍ତର ରହିଛନ୍ତି। ଜିଲାର ମୁଖ୍ୟ ଚିକିତ୍ସାଳୟରୁ ଗ୍ରାମାଞ୍ଚଳରେ ଥିବା ସ୍ୱାସ୍ଥ୍ୟସେବା ପାଇଁ ୧୫୬ଜଣ ଡାକ୍ତରଙ୍କ ଆବଶ୍ୟକତା ରହିଥିବାବେଳେ ୬୦ଟି ଡାକ୍ତର ପଦବୀ ଖାଲି ପଡିଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଗୋଟେ ପଟେ ଡାକ୍ତର ଅଭାବ ଓ ଅନ୍ୟ ପଟେ ଠିକା ଡାକ୍ତରରେ ଯାଜପୁର ଜିଲାରେ ରୋଗୀସେବା କିପରି ଚାଲୁଥିବ ତାହା ସହଜେ ଅନୁମେୟ। ଅତି ଗୁରୁତ୍ୱପୂର୍ଣ୍ଣ ଏହି ସମସ୍ୟା ସମାଧାନ କରିବାରେ ବିଭାଗ ସଫଳ ହୋଇପାରୁନି।

ବିଭାଗୀୟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ଜିଲାର ମୁଖ୍ୟ ଚିକିତ୍ସାଳୟ ପାଇଁ ୩୮ଜଣ ଡାକ୍ତରଙ୍କ ଆବଶ୍ୟକତା ଥିବାବେଳେ ମାତ୍ର ୨୫ଜଣ ରହିଛନ୍ତି। ଏଠାରେ ଏମ୍‌ବିବିଏସ୍‌ଧାରୀ ୨ଜଣ ଠିକା ଡାକ୍ତର କାର୍ଯ୍ୟ କରୁଛନ୍ତି। ଯାଜପୁରରୋଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭେଷଜ ବିଭାଗ ଡାକ୍ତର ପଦବୀ ଖାଲି ପଡଛି। ଜଣେ ଅବସରପ୍ରାପ୍ତ ଏବଂ ଜଣେ ଠିକା ଡାକ୍ତର ରୋଗୀସେବା ଯୋଗାଉଛନ୍ତି। କଳିଙ୍ଗନଗର ଶିଳ୍ପାଞ୍ଚଳ ପରିସରରେ ଅବସ୍ଥିତ ଯାଜପୁରରୋଡ ସ୍ୱାସ୍ଥ୍ୟକେନ୍ଦ୍ର ପରି ଦାନଗଦୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ଜଣ ଡାକ୍ତର ଠିକାରେ ନିଯୁକ୍ତି ପାଇଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ରହିଥିବା ଯଖପୁରା, ରାବଣା, ଗୋବର୍ଦ୍ଧନପୁର, ହାତିବାରୀ ଏବଂ ବାରାଖାଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅବସ୍ଥା କହିଲେ ନସରେ। ଗୋବର୍ଦ୍ଧନପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘମାସ ହେବ ଡାକ୍ତର ନ ଥିବାବେଳେ ଅନ୍ୟ ୩ଟିରେ ଠିକାରେ ୩ଜଣ ଏମ୍‌ବିବିଏସ୍ ଡାକ୍ତର ନିୟୋଜିତ ରହିଛନ୍ତି। ବଡ଼ଚଣା ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ପେସିଆଲିଷ୍ଟ ଏବଂ ଏମ୍‌ବିବିଏସ୍ ଡାକ୍ତର ରହିଥିବାବେଳେ ଏହା ଅଧୀନରେ ରହିଥିବା ବନ୍ତଳା, ବିରୁପା, ଗେଙ୍ଗୁଟି, ଦର୍ପଣ, କୋଲସିଂହ, ବାଉଁଶମୂଳୀ, ଉଦୟଗିରି, ଛତିଆ, ବାଉଜଙ୍ଗ ପ୍ରଭୃତି ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ ବାଉଜଙ୍ଗରେ ସ୍ୱାସ୍ଥ୍ୟ ଅଧିକାରୀ ନଥିବାବେଳେ ୪ଜଣ ଠିକାରେ କାର୍ଯ୍ୟ କରୁଛନ୍ତି। ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରରେ ୫ଜଣଙ୍କ ମଧ୍ୟରୁ ୩ଜଣ ନିୟମିତ ଡାକ୍ତର ଅଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ଏମ୍‌ବିବିଏସ୍ ଡାକ୍ତର ରହିଥିଲେ ହେଁ କେହି ବି ନିୟମିତ ନ ଥିବା ଜଣାପଡିଛି। ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଏହା ଅଧୀନରେ ଥିବା ୫ଟି ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୮ଜଣ ଡାକ୍ତରଙ୍କ ଆବଶ୍ୟକତା ଥିବାବେଳେ ମାତ୍ର ୫ଜଣ ରହିଛନ୍ତି। ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜଣେ ମାତ୍ର ଡାକ୍ତରରେ ଚାଲିଥିବାବେଳେ ୨ଟି ପଦ ଖାଲିପଡିଛି। ମଧୁବନରେ ୩ ଡାକ୍ତର ମଧ୍ୟରୁ ଜଣେ ମାତ୍ର ଠିକାରେ ରହିଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଲକ୍ଷ୍ମୀନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନ ଥିବାବେଳେ ସିଂହାପୁର, କୁଣ୍ଡପାଟଣା ଓ ହରିପୁରହାଟ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ ଡାକ୍ତର ନ ଥିବା ଜଣାପଡିଛି। ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୫ଜଣ ଡାକ୍ତର ମଧ୍ୟରୁ ୨ଜଣ ନିୟମିତ ଡାକ୍ତର ରହିଥିବାବେଳେ ୩ଜଣ ଠିକାରେ କାର୍ଯ୍ୟ କରୁଛନ୍ତି। ତେବେ ଏହା ଅଧିନରେ ଥିବା ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ହୋଇନାହାନ୍ତି। ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଏହା ଅଧୀନରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ୮ଜଣଙ୍କ ମଧ୍ୟରୁ ଜଣେ ମାତ୍ର ନିୟମିତ ଡାକ୍ତର ଅଛନ୍ତି। କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଏହାର ଅଧିନରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଲେଖାଏ ଡାକ୍ତର ଅଭାବ ରହିଛି। ତେବେ ନିୟମିତ ହେଉ ବା ଅନିୟମିତ ଜିଲାରେ ସାଧାରଣ ଡାକ୍ତର (ସିନିୟର) ୨୧ଜଣଙ୍କ ମଧ୍ୟରୁ ୨ଜଣ ନ ଥିବାବେଳେ ସିନିୟର ସ୍ପେସାଲିଷ୍ଟ ୨ଜଣ, ଜୁନିୟର ସାଧାରଣ ୧୫ ଓ ଜୁନିୟର ସ୍ପେସାଲିଷ୍ଟ ୨ଜଣଙ୍କ ଅଭାବ ରହିଛି। ଡାକ୍ତର ଅଭାବ ଯୋଗୁ ଦୂରଦୂରାନ୍ତରରୁ ଆସୁଥିବା ରୋଗୀ ବହୁ ସମୟରେ ହଇରାଣ ହରକତ ହେଉଛନ୍ତି। ସେହିପରି ଜିଲା ପାଇଁ ୭୪ଜଣ ଫାର୍ମାସିଷ୍ଟଙ୍କ ଆବଶ୍ୟକତା ଥିବାବେଳେ ୬୫ଜଣ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରୁଛନ୍ତି। ସେହିପରି ଜିଲା ପାଇଁ ୪୩ଜଣ ଷ୍ଟାଫ୍ ନର୍ସଙ୍କ ଆବଶ୍ୟକ ରହିଥିବାବେଳେ ୩୬ଜଣ କାର୍ଯ୍ୟ କରୁଛନ୍ତି। ଏହା ବ୍ୟତୀତ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କର ମଧ୍ୟ ଅଭାବ ଅଧିକ ରହିଛି। ଜିଲାରେ ଏବେ ୧୮୦ଜଣ କର୍ମଚାରୀ କାର୍ଯ୍ୟ କରୁଥିଲେ ହେଁ ୬୬ଜଣଙ୍କର ଅଭାବ ରହିଛି। ଏସବୁକୁ ନେଇ ଜିଲାବ୍ୟାପୀ କ୍ଷୋଭ ପ୍ରକାଶ ପାଉଛି।

### ଆମ ପୋଲିସ ସମିତି ବୈଠକ

ରସୁଲପୁର,୩୦।୬(ଡିଏନଏ)

କୁଆଖିଆ ଥାନାରେ ରବିବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ମନୋଜ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଥାନା ଅଞ୍ଚଳର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ। ସବଇନ୍ସପେକ୍ଟର ଦିଲୀପ କୁମାର କାଣ୍ଡି ବୈଠକ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଥାନାଧିକାରୀ କୁଆଖିଆ ବଜାରର ଟ୍ରାଫିକ ସମସ୍ୟା, ପରିମଳ ବ୍ୟବସ୍ଥା, ଅଳିଆ ଆବର୍ଜନାର ଠିକ୍ ପରିଚାଳନା, ବିନା ହେଲମେଟରେ ଗାଡି ନ ଚଳାଇବା ଆଦି ଉପରେ ଗୁରୁତ୍ୱାରୋପ କରିଥିଲେ। ପୋଲିସ ସାଧାରଣ ଲୋକଙ୍କର ଶତ୍ରୁ ନୁହେଁ, ବରଂ ପୋଲିସ ତଦନ୍ତରେ ସମସ୍ତଙ୍କୁ ସହଯୋଗର ହାତ ବଢାଇବାକୁ ସମିତି ପକ୍ଷରୁ ନିବେଦନ କରାଯାଇଥିଲା। ଥାନା ଅଞ୍ଚଳରେ ଚୋରା ମଦ କାରବାର, ବେଆଇନ ବ୍ୟବସାୟ, ସମାଜରେ ଆଇନଶୃଙ୍ଖଳା ସୃଷ୍ଟିକାରୀଙ୍କ ସମ୍ପର୍କରେ ପୋଲିସକୁ ସୂଚନା ପ୍ରଦାନ କରିବା ନେଇ ସଂଗଠନ କର୍ମକର୍ତ୍ତା, ବୁଦ୍ଧିଜୀବୀ, ଯୁବ ସଂଗଠନଗୁଡ଼ିକର ସହାୟତା ନିତ୍ୟାନ୍ତ ଆବଶ୍ୟକ। ପୋଲିସ ଓ ଆମ ପୋଲିସ ସମିତି ମଧ୍ୟରେ ସୁସମ୍ପର୍କ ଯୋଡି ହେଲେ ଥାନା ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ସମ୍ଭବ ହୋଇପାରିବ ବୋଲି ଅଧିକାରୀ ସ୍ୱାଇଁ ଆଶା ପ୍ରକଟ କରିଛନ୍ତି।

### ଆଇଜି ମହିଳା କଲେଜକୁ ନାପକିନ ମେଶିନ ପ୍ରଦାନ




ବୈଠକରେ ମଞ୍ଚାସୀନ ଅତିଥି।

ଯାଜପୁର ଅଫିସ,୩୦।୬

ଇନରହ୍ୱିଲ କ୍ଲବ ଯାଜପୁରରୋଡ ପକ୍ଷରୁ ଶନିବାର ଇନ୍ଦିରା ଗାନ୍ଧି (ଆଇଜି) ମହିଳା କଲେଜକୁ ସାନିଟାରୀ ନାପକିନ ଭେଣ୍ଡିକ ମେଶିନ ପ୍ରଦାନ କରାଯାଇଛି। ଏହି ମେଶିନକୁ କ୍ଲବ ସଭାପତି ଅସ୍ମିତା ପତି ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଛାତ୍ରୀଙ୍କ ମଧ୍ୟରେ ନାପକିନ ସମ୍ପର୍କିତ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଡିଗ୍ରୀ କଲେଜ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ରାଉତଙ୍କ ସଭାପତିତ୍ୱରେ ଏ ସଂକ୍ରାନ୍ତରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରୋଟାରୀ ଡିଷ୍ଟ୍ରିକ୍ଟ- ୩୨୬୨ର ଆସିଷ୍ଟାଣ୍ଟ ଗଭର୍ଣ୍ଣର ଅଭୟ କୁମାର ପତି ମୁଖ୍ୟଅତିଥି, ଇନରହ୍ୱିଲ କ୍ଲବ ସଭାପତି ଅସ୍ମିତା ପତି ସମ୍ମାନିତ ଅତିଥିଭାବେ ଯୋଗଦେଇ ନାପ୍‌କିନ୍ ମେଶିନର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। କ୍ଲବ ସମ୍ପାଦକା ଅମିୟବାଳା ତ୍ରିପାଠୀ, କୋଷାଧ୍ୟକ୍ଷ ସୁଲତା ପଣ୍ଡା ଓ ରୋଟ୍ରାକ୍ଟ ବୀରେଶ୍ୱର ପତି, ଜ୍ୟୋତିରଞ୍ଜନ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କ୍ଲବ ପକ୍ଷରୁ କଲେଜର ସୌନ୍ଦର୍ଯ୍ୟକରଣ ନିମନ୍ତେ ବିଭିନ୍ନ ପ୍ରକାର ଫୁଲଗଛ ପ୍ରଦାନ କରାଯାଇଥିଲା। କୃତୀ ବକ୍ତୃତା ପ୍ରତିଯୋଗୀ ମୋନାଲିସା ଖିଲାର ଓ ସାବିତ୍ରୀ ପୃଷ୍ଟିଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ମଳୟ କୁମାର ମଲ୍ଲିକ ପ୍ରାରମ୍ଭିକ ସୂଚନା ଦେଇଥିଲାବେଳେ ଛାତ୍ରୀ ମଇନା ବେହେରା, ଜ୍ୟୋତିସ୍ମିତା ସାହୁ ଓ ରୁବିନା ସାହୁ ସ୍ୱାଗତ ସଂଗୀତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂସ୍କୃତିକ ବିଭାଗର ମୁଖ୍ୟ ଅଧ୍ୟାପିକା ସସ୍ମିତା ଆଚାର୍ଯ୍ୟ, ତାରିଣୀ ତନୟା ସର ଓ ଝୁନୁମଣୀ ଜେନା, ଅଧ୍ୟାପିକା ଲିପ୍ସା ମିଶ୍ର, ଯାଜ୍ଞଶ୍ୱରୀ ପଲେଇ, ଅନିମା ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସାଂସ୍କୃତିକ ବିଭାଗର ଅନ୍ୟତମ ସଦସ୍ୟା ଅଧ୍ୟାପିକା ତାରିଣୀ ତନୟା ସର ଧନ୍ୟବାଦ ଅର୍ପଣ କରିଥିଲେ।

### ଆମ ପୋଲିସ ପକ୍ଷରୁ ଜାରକା ବଜାର ସଫେଇ

ଧର୍ମଶାଳା,୩୦।୬(ଡି.ଏନ୍.ଏ.): ଧର୍ମଶାଳା ଥାନା ପୋଲିସ ପକ୍ଷରୁ ରବିବାର ଜାରକା ବଜାରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ବିଭିନ୍ନ ସଙ୍ଗଠନର ସଦସ୍ୟ ସଫେଇ କରିଥିଲେ। ଜାରକା ରୋଟାରୀ କ୍ଲବର ସଭାପତି ପ୍ରଦୀପ୍ତ ବରାଳ, ସମ୍ପାଦକ ପ୍ରମୋଦ ସାମଲ, ସଭ୍ୟ ଅଜାମ୍ବର ସାହୁ , ବିନୋଦ ପରିଡା, ସୁକାନ୍ତ ସ୍ୱାଇଁ, ଜୟପ୍ରକାଶ ତ୍ରିପାଠୀ, ବିପିନ ଷଡଙ୍ଗୀ, ରୁଦ୍ର ପ୍ରସାଦ ସାମଲ, ମିନତୀ ସାହୁ , ଲୋପାମୁଦ୍ରା ଷେଣ୍ଟ, ଇନ୍ଦ୍ରପ୍ରଭା ସାମଲ ସଫେଇ କାମରେ ସାମିଲ ହୋଇଥିଲେ। ସେହିପରି ଜାରକା ବିଟ୍‌ହାଉସ ଅଧିକାରୀ ଉପେନ୍ଦ୍ର ଦାସ, ଧର୍ମଶାଳା ଥାନା ଏଏସ୍‌ଆଇ ନିରଞ୍ଜନ ବେହୁରା, ଆର.କେ. ରାଉତଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ। ବର୍ଷା ଦିନକୁ ଦୃଷ୍ଟିରେ ରଖି ଆମ ପୋଲିସ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହପରିଭାବେ ପ୍ରତ୍ୟେକ ମାସର ଶେଷ ରବିବାର ବଜାରର ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି। ସେହିପରି ଭାରତ ଟ୍ରଷ୍ଟ ଏକାଡେମୀ ତରଫରୁ ସଂଯୋଜିକା ଲକ୍ଷ୍ମୀ କୁମାରୀ ଶାନ୍ତିବଜାର ରାସ୍ତା ସଫେଇ କାମ ନିଜ ଉଦ୍ୟମରେ କରିଥିଲେ।

## ■ଯାଜପୁର ଜିଲା ସଂସ୍କୃତି ପରିଷଦ ପୁନର୍ଗଠିତ

# ସୁକିନ୍ଦା, ଦାନଗଦି ବ୍ଲକକୁ ଉପେକ୍ଷା

ଯାଜପୁର ଅଫିସ,୩୦।୬

■ନିରପେକ୍ଷତା ଅବଲମ୍ବନ ନେଇ ସନ୍ଦିହାନ

■ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲା ଅଖିଳଚକ୍ର

ଯାଜପୁର ଜିଲା ସଂସ୍କୃତି ପରିଷଦ ସମ୍ପୂର୍ଣ୍ଣ ଭାବେ ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ପୁନର୍ଗଠିତ ହୋଇଛି। ଏହାବାଦ ଶିଳ୍ପ ଓ ଖଣି ସମୃଦ୍ଧ ଦାନଗଦି ଓ ସୁକିନ୍ଦା ବ୍ଲକର ସଂସ୍କୃତି ପ୍ରେମୀ ତଥା ବୁଦ୍ଧିଜୀବୀଙ୍କୁ ଉପେକ୍ଷା କରାଯାଇଛି ବୋଲି ଅଭିଯୋଗ ହୋଇଛି। ଏନେଇ ସାଂସ୍କୃତିକ ସଂଗଠନ ଅଖିଳ ଚକ୍ର ପକ୍ଷରୁ ପ୍ରତିବାଦ କରାଯାଇ ବ୍ୟାପକ ଆନ୍ଦୋଳନ କରିବାକୁ ଆହ୍ୱାନ ଦିଆଯାଇଛି। ସଂଗଠନ ସମ୍ପାଦକ ହରେକୃଷ୍ଣ ପଣ୍ଡା ଏକ ବିବୃତିରେ ଦର୍ଶାଇଛନ୍ତି ଯେ, ସଂସ୍କୃତି ପରିଷଦ ଗଠନରେ ନିରପେକ୍ଷତା ଅବଲମ୍ବନ ନେଇ ମଧ୍ୟ ସମଗ୍ର ଜିଲାରେ ସନ୍ଦେହ ସୃଷ୍ଟି ହୋଇଛି। ଉପଦେଷ୍ଟା କମିଟିରେ ଜିଲାର ପୂର୍ବତନ ସଦସ୍ୟଙ୍କୁ ରଖାଯାଇଥିଲେ ହେଁ ବରିଷ୍ଠ ଖବରଦାତା ଓ ସାଂସ୍କୃତିକ ସଂଗଠକଙ୍କୁ ବାଦ ଦିଆଯାଇଛି। କିନ୍ତୁ ଜିଲା ସଂସ୍କୃତି ପରିଷଦ ଯେଉଁମାନଙ୍କୁ ନେଇ ଗଠନ କରାଯାଇଛି ସେମାନେ ସମସ୍ତେ ପ୍ରାୟ ଅଧ୍ୟାପକ। ଅଳ୍ପ କେତେଜଣ ସାରସ୍ୱତ ସ୍ରଷ୍ଟା। ରାଜନୈତିକ ସମର୍ଥନକୁ ଦୃଷ୍ଟିରେ ରଖି ଚୟନ କରାଯାଇଛି ବୋଲି ପଣ୍ଡା ତାଙ୍କ ବିବୃତିରେ କହିଛନ୍ତି। ଏହାବାଦ ବିଭିନ୍ନ ସୋସିଆଲ ମିଡିଆରେ ଏହାକୁ ନିନ୍ଦା କରିବା ସହିତ ନିଜର ଅଧିକାର ପାଇବା ନିମନ୍ତେ ପ୍ରୟାସ ଜାରି ରଖିବାକୁ ଆହ୍ୱାନ ଦିଆଯାଇଛି। ଯାଜପୁର ଭଳି ସର୍ବପୁରାତନ ଐତିହ୍ୟ ସଂସ୍କୃତି ସମ୍ପନ୍ନ ଜିଲାରେ ଏଭଳି ପରିଷଦ କୌଣସି ଆଶା ଆକାଂକ୍ଷା ପୂରଣ କରି ପାରିବ ନାହିଁ ବୋଲି ବିଭିନ୍ନ ବ୍ଲକ ଅଞ୍ଚଳରୁ ସାଂସ୍କୃତିକ ସଂଗଠକମାନେ ମତ ପ୍ରକାଶ କରିଛନ୍ତି। ଜିଲା ସଂସ୍କୃତି ଭବନର ମରାମତି ପାଇଁ ଦାବି କରାଯିବାରୁ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଛି। କିନ୍ତୁ ତାହା ରାଜନୈତିକ ଆଶା ପୂରଣ କରି ପାରି ନ ଥିବାରୁ ଏଯାବତ ମରାମତି କାର୍ଯ୍ୟ ହୋଇପାରି ନାହିଁ ବୋଲି ଅଭିଯୋଗ ହୋଇଛି। ସଂସ୍କୃତି ପରିଷଦକୁ ରାଜ୍ୟ ସରକାର ପ୍ରତିବର୍ଷ ଯେଉଁ ଅନୁଦାନ ଦିଅନ୍ତି ତାହା ଖର୍ଚ୍ଚ ନ ହୋଇ ଗଚ୍ଛିତ ଅଛି। ଏ ସମ୍ପର୍କରେ ପ୍ରଶ୍ନ ଉଠାଉଥିବା କେତେଜଣ ସଦସ୍ୟଙ୍କୁ ପରିଷଦରୁ ଜାଣିଶୁଣି ବାଦ ଦିଆଯାଇଛି ବୋଲି ପଣ୍ଡା ପୁଣି ଅଭିଯୋଗ ଆଣିଛନ୍ତି। ଏହା ବ୍ୟତୀତ ପରିଷଦରେ କେବଳ ଗୋଟିଏ ଶ୍ରେଣୀର ବ୍ୟକ୍ତିଙ୍କୁ ଚୟନ କରାଯିବା ଫଳରେ ଜିଲାକୁ ଏକ ସାଂସ୍କୃତିକ ସମ୍ପନ୍ନ କରି ଗଢି ତୋଳିବାକୁ ଯେଉଁ ସଂଗଠକ ଓ ସାଂସ୍କୃତିକ ସଂଗଠକମାନେ ଆପ୍ରାଣ ଉଦ୍ୟମ କରି ଆସିଛନ୍ତି ସେମାନଙ୍କ ମନରେ ନୈରାଶ୍ୟ ସୃଷ୍ଟି ହେବା ସହିତ କ୍ଷୋଭ ପ୍ରକାଶ ପାଇଛି। ତେଣୁ ରାଜନୈତିକ ଚାପରୁ ଜିଲା ସଂସ୍କୃତି ପରିଷଦକୁ ମୁକ୍ତ ରଖିବା ପାଇଁ ଏବଂ ଜିଲାର ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକୁ ରାଜନୀତିରୁ ଉର୍ଦ୍ଧ୍ୱରେ ରଖିବା ପାଇଁ ଅଖିଳଚକ୍ର ପକ୍ଷରୁ ଜିଲା ବ୍ୟାପୀ ଏକ ଆନ୍ଦୋଳନର ଡାକରା ଦିଆଯାଇଛି । ଏହି ମର୍ମରେ ଅଖିଳଚକ୍ର ପକ୍ଷରୁ ରାଜ୍ୟ ମୁଖ୍ୟମନ୍ତ୍ରୀ, ସାଂସ୍କୃତିକ ମନ୍ତ୍ରୀ, ରାଜ୍ୟ ମୁଖ୍ୟ ସଚିବ ଓ ରାଜ୍ୟପାଳଙ୍କୁ ଅବଗତ କରାଯାଇ ସାହିତ୍ୟ ଓ ସଂସ୍କୃତିର ମୌଳିକ ସ୍ୱାଧିନତା ପାଇଁ ଲଢେଇ କରାଯିବ ବୋଲି ପଣ୍ଡା ଓ ଓଡ଼ିଶା ଲେଖକ ବୁଦ୍ଧିଜୀବୀ ପରିଷଦ ସଭାପତି ନିର୍ମଳ ସାମଲ ଚେତାବନୀ ଦେଇଛନ୍ତି । ଏହାବାଦ ଜିଲାର ସୁକିନ୍ଦା ଓ ଦାନଗଦି ବ୍ଲକର କାହାରିକୁ ସାଂସ୍କୃତିକ ପରିଷଦରେ ସାମିଲ କରାଯାଇ ନାହିଁ। ତେଣୁ ସୁକିନ୍ଦା କିମ୍ବା ଦାନଗଦି ବ୍ଲକରେ କେହି ଜଣେ ଯୋଗ୍ୟ ବ୍ୟକ୍ତି ନାହାନ୍ତି କି ବୋଲି ପ୍ରଶ୍ନ ଉଠିଛି । ପ୍ରତ୍ୟେକ କାର୍ଯ୍ୟକ୍ରମରେ ସୁକିନ୍ଦାକୁ ଉପେକ୍ଷା କରାଯାଉଛି। ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି ସୁକିନ୍ଦା ଖଣି ଅଞ୍ଚଳରୁ ତିଆରି ହୋଇଥିଲେ ହେଁ ଜିଲାର ଅନ୍ୟ ଅଞ୍ଚଳ ସର୍ବାଧିକ ଫାଇଦା ପାଉଛି। ସ୍ଥାନୀୟ ବିଧାୟକ ଏନେଇ ସ୍ୱର ଉତ୍ତୋଳନ କରିବାରେ ସାହାସ ଜୁଟାଇ ପାରୁନାହାନ୍ତି ବୋଲି ମତପ୍ରକାଶ ପାଇଛି ।

### ଆଞ୍ଚଳିକ ପଞ୍ଚାୟତ ମହାବିଦ୍ୟାଳୟରେ ବିଧାୟିକାଙ୍କୁ ସମ୍ବର୍ଦ୍ଧନା

ବରୀ,୩୦।୬(ସ୍ୱ.ପ୍ର.)

ବରୀ ନିର୍ବାଚନମଣ୍ଡଳୀ ଅଧୀନ ସୁଜନପୁର ପଞ୍ଚାୟତସ୍ଥିତ ଆଞ୍ଚଳିକ ପଞ୍ଚାୟତ ମହାବିଦ୍ୟାଳୟ ପକ୍ଷରୁ ରବିବାର ବିଧାୟିକା ସୁନନ୍ଦା ଦାସଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏ ନେଇ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଗଙ୍ଗାଧର ଦାସ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ଶତ୍ରୁଘ୍ନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ପକ୍ଷରୁ ଅଧ୍ୟକ୍ଷ ବିଧାୟିକାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟତମ ଅତିଥି ଭାବେ ଦେବେନ୍ଦ୍ର ଦାସ, ଗଣେଶ ମହାକୁଡ଼ ଯୋଗଦେଇ ମହାବିଦ୍ୟାଳୟର ମୌଳିକ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଶେଷରେ ଅଧ୍ୟାପକ ବିଭାସ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।




ବିଧାୟିକା ସୁନୀତା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ■ନଦୀବନ୍ଧ ପିଚୁ ମରାମତି କାର୍ଯ୍ୟ ନିମ୍ନମାନର

# ବାଲି ଉପରେ ପିଚୁ ଢାଳି ଅର୍ଥ ହଡପ୍ ମସୁଧା

ରସୁଲପୁର,୩୦।୬(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ବରୀ ଜଳସେଚନ ଉପଖଣ୍ଡ ଓ ରୁଦ୍ରପୁର ସେକ୍ସନ ଅଧିନସ୍ଥ ବ୍ରାହ୍ମଣ ନଦୀ ବନ୍ଧ ପିଚୁ ମରାମତି କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଇଛି । ରାସ୍ତା ଉପର ଖାଲୁଆ ସ୍ଥାନରେ ବାଲି ଉପରେ ପିଚୁ ଢାଳି ଅର୍ଥ ହଡ଼ପ ମସୁଧା ହୋଇଛି। ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ ଠିକାଦାର ନିର୍ମାଣ କାର୍ଯ୍ୟକୁ ନିମ୍ନମାନର କରିଥିବା ଅଭିଯୋଗ ହେଉଛି। ଏହି ବ୍ଲକର ପ୍ରଥମାଖଣ୍ଡି ପଞ୍ଚାୟତର ସଡମ୍ବାଠାରୁ ଯାଜପୁର ବ୍ଲକର ଝାଲପଡ଼ା ପଞ୍ଚାୟତ ପର୍ଯ୍ୟନ୍ତ ବ୍ରାହ୍ମଣୀ ନଦୀର ବାମପାର୍ଶ୍ୱରେ ଅବସ୍ଥିତ। ଏହି ନଦୀବନ୍ଧ ବିଭିନ୍ନ ସ୍ଥାନରେ ବିପଦସଂକୁଳ ଅବସ୍ଥାରେ ରହିଛି। ପ୍ରଥମାଖଣ୍ଡି ପଞ୍ଚାୟତ ନିକଟରେ ନଦୀବନ୍ଧ ସୁଦୃଢିକରଣ ପାଇଁ ୧୬ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା। ସ୍ୱଳ୍ପ ଅର୍ଥରେ ପୂର୍ବ ପ୍ରସ୍ତାବିତ କାର୍ଯ୍ୟ ସମ୍ଭବପର ହୋଇ ନ ଥିଲା। ପରେ ବିଭାଗ ପକ୍ଷରୁ ବନ୍ଧର ପିଚୁ ମରାମତି କାର୍ଯ୍ୟ କରାଯିବା ପାଇଁ ନିଷ୍ପତି ହୋଇଥିଲା। ଉକ୍ତ ଅର୍ଥ ବ୍ୟୟରେ ୧୦୦ ରୁ ୧୫୦ ମିଟର ପିଚୁ ମରାମତି କାର୍ଯ୍ୟ କରାଯିବା ପାଇଁ ଆକଳନ କରାଯାଇଥିଲା। ପ୍ରଥାଖଣ୍ଡି ସଡମ୍ବା ଠାରୁ ଗୋପାଳପୁର ଉ.ପ୍ରା. ବିଦ୍ୟାଳୟ ପର୍ଯ୍ୟନ୍ତ ବନ୍ଧ ମରାମତି କାର୍ଯ୍ୟ କରାଯାଇଥିଲା। ମରାମତି ଅଂଶରେ ବନ୍ଧରେ ସୃଷ୍ଟି ହୋଇଥିବା ବର୍ଷାନଳୀ(ରେନକଟ୍), ଖାଲୁଆ ଜାଗାରେ କଂକ୍ରିଟ ବିଛାଇ ଦୃଢିକରଣ, ଖରାପ ହୋଇଯାଇଥିବା ପିଚୁର ସମଗ୍ର ଅଞ୍ଚଳକୁ ଅଧ ଇଞ୍ଚ ବହଳର ବଜ୍ରୁରୀ ପକାଇ ପିଚୁ ମରାମତି ନିର୍ମାଣ ଆଦି କରାଯିବା ପାଇଁ ଆକଳନ କରାଯାଇଥିଲା। ମାତ୍ର ମରାମତି କାର୍ଯ୍ୟ ଆକଳନ ଅନୁଯାୟୀ କରାଯାଇ ନ ଥିଲା। ବର୍ଷାନାଳୀ ଗୁଡ଼ିକରେ ବାଲି ପକାଇ ସମତୁଲ କରାଯାଇଥିଲା। ପିଚୁ ଉପର ଖାଲୁଆ ସ୍ଥାନରେ ବାଲି ଉପରେ ପିଚୁ ଢାଳି ମରାମତି କରାଯାଇଥିଲା। ଯାହାଫଳରେ ଏସବୁ ସ୍ଥାନରେ ଗାଈଗୋରୁଙ୍କ ଗୋଡ଼ ପଡ଼ିଲେ ବି ଦବି କଣା ହୋଇଯାଉଛି। ଏପରି କି କେତେକ ସ୍ଥାନରେ ଟ୍ରାକ୍ଟର ଚକାରେ ମଧ୍ୟ ରାସ୍ତାରେ



ଫାଟ ସୃଷ୍ଟି ହେଉଛି। କିଛି କିଛି ସ୍ଥାନରେ ପିଚୁ କୋଟିଂ କାର୍ଯ୍ୟକୁ ଗୋଡ଼ ମାରିଲେ ପିଚୁ ଉଠିଯାଉଛି। ଏଥିରୁ କାର୍ଯ୍ୟର ଗୁଣବତ୍ତାକୁ ନେଇ ସାଧାରଣରେ ସନ୍ଦେହ ଉପୁଜୁଛି। ଏହାଛଡ଼ା ଉକ୍ତ ନଦୀବନ୍ଧର ସାମନ୍ତରାପୁର ପଞ୍ଚାୟତରୁ ଅର୍ଥଗାଁ, ମଙ୍ଗରାଜପୁର ଦେଇ ବ୍ରହ୍ମବରଦା ପୋଲ ପର୍ଯ୍ୟନ୍ତ ବନ୍ଧ ରାସ୍ତା ୨୦୧୭-୧୮ରେ ନିର୍ମାଣ କରାଯାଇଥିଲା। ଉକ୍ତ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ନିର୍ମାଣର ମାତ୍ର ମାସ କେଇଟା ପରେ ରାସ୍ତା ଗମନାଗମନ ଉପଯୋଗୀ ହୋଇ ରହିନାହିଁ । ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଥିବାବେଳେ ଠିକାଦାର ରାସ୍ତାର ବିପଦପୂର୍ଣ୍ଣ ସ୍ଥାନକୁ ମରାମତି କରିବାରେ ଟାଳଟୁଳନୀତି ଅବଲମ୍ବନ କରୁଛନ୍ତି। ଏପରି କି ବିଭାଗୀୟ ଅଧିକାରୀ ମଧ୍ୟ ଏହାକୁ ଗୁରୁତ୍ୱ ଦେଉ ନ ଥିବା ଭଳି ମନେ ହେଉଛି। ବନ୍ୟା ଆସିବା ପୂର୍ବରୁ ଦୁର୍ବଳ ନଦୀବନ୍ଧ ସ୍ଥାନକୁ ମରାମତି କରିବା ପାଇଁ ବିଭାଗପକ୍ଷରୁ ଏଯାବତ୍

■ବିପଦସଙ୍କୁଳ ଅବସ୍ଥାରେ ରହିଛି ନଦୀବନ୍ଧ

■୧୦୦ ରୁ ୧୫୦ ମିଟର ରାସ୍ତା ହୋଇଛି ମରାମତି

■ବ୍ୟୟବରାଦ ହୋଇଥିଲା ୧୬ ଲକ୍ଷ ଟଙ୍କା

କୌଣସି ତତ୍ପରତା ପ୍ରକାଶ ପାଇନାହିଁ। ଅତଲାପୁର ପଞ୍ଚାୟତରୁ ସାନ୍ତରାପୁର ପଞ୍ଚାୟତ ମଧ୍ୟବର୍ତ୍ତୀ ନଦୀବନ୍ଧ ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ଏନେଇ ବରୀ ଜଳସେଚନ ଉପଖଣ୍ଡ ଅଧିକାରୀ ସୁବାଷ ପଟ୍ଟନାୟକଙ୍କୁ ପଚାରିବାରେ ଉକ୍ତ ମରାମତି କାର୍ଯ୍ୟ କନିଷ୍ଠ ଯନ୍ତ୍ରୀଙ୍କ ତଦାରଖରେ କରାଯାଇଛି। ତେବେ ସେ ମରାମତିସ୍ଥଳକୁ ପରିଦର୍ଶନରେ ଯିବେ । ସ୍ୱଳ୍ପ ଅର୍ଥରେ ଯାହାକିଛି କାର୍ଯ୍ୟ ହୋଇଛି । ଏହାଛଡା ବନ୍ଧର ଅନ୍ୟସବୁ ସ୍ଥାନର ସ୍ଥିତିକୁ ଅନୁଧ୍ୟାନ କରିବା ପରେ ଯାହାକିଛି ନିଷ୍ପତ୍ତି ନେବେ ବୋଲି ପଟ୍ଟନାୟକ ପ୍ରକାଶ କରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଜୁଲାଇ ୧/୨୦୧୯ Bhubaneswar, Monday, July 1/ 2019




## ସଂକ୍ଷେପରେ

### ସଂକୀର୍ତ୍ତନ ଦଳ ଉପରେ ମାଡ଼ିଗଲା ବୋଲେରୋ, ୨ ମୃତ

**କୋରେଇ,୩୦।୬(ସ୍ୱ.ପ୍ର.)**-ଯାଜପୁର ଜିଲା କୋରେଇ ଅଞ୍ଚଳରୁ ଏକ ସଂକୀର୍ତ୍ତନ ଦଳ ପୁରୀ ଯାଉଥିବାବେଳେ କଟକ ଜିଲା ଟାଙ୍ଗୀ ନିକଟରେ ସେମାନଙ୍କ ଉପରେ ଏକ ଟ୍ରକ ମାଡ଼ିଯିବାରୁ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଜହ୍ନା ପଞ୍ଚାୟତ ନରପଦା ଗ୍ରାମର ଚୈତନ୍ୟ ମଲ୍ଲିକ(୪୮) ଓ ବରଜୁ ସାମଲ(୫୫)। ପ୍ରକାଶ ଯେ, ରଥଯାତ୍ରା ଉପଲକ୍ଷେ ପ୍ରାୟ ୨୦୦ ଜଣିଆ ଏକ ସଂକୀର୍ତ୍ତନ ଦଳ କୋରେଇ ବ୍ଲକ ଧନେଶ୍ୱର ପଞ୍ଚାୟତରୁ ଶନିବାର ବାହାରି ଚାଲି ଚାଲି ପୁରୀ ଯାଉଥିଲେ। ସେମାନେ କଟକ ଜିଲା ଟାଙ୍ଗୀ ନିକଟରେ ହୋଇଥିଲାବେଳେ ଏକ ବୋଲେରୋ ସଂକୀର୍ତ୍ତନ ଦଳର ୨ଜଣ ସଦସ୍ୟଙ୍କ ଉପରେ ମାଡ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କର ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ଘଟାଇ ବୋଲେରୋ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଉଭୟଙ୍କର ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲରେ ରଖାଯାଇଛି। ସୋମବାର ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

### ବାଙ୍ଗାଲୋରରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ବରୀ,୩୦।୬(ସ୍ୱ.ପ୍ର.)**-ବାଙ୍ଗାଲୋରରେ ରବିବାର ଅପରାହ୍ନ ୧ଟାରେ ଜଣେ କାର୍ଯ୍ୟରତ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତ ଶ୍ରମିକ ହେଲେ ବରୀ ବ୍ଲକ ଅଧୀନ ରମ୍ଭା ଗ୍ରାମର ଗୌତମ ବିଶ୍ୱାଳ (୨୮)। ସେ ବାଙ୍ଗାଲୋରର ଏକ ରିସର୍ଚ୍ଚ ସେଣ୍ଟରରେ ସିକ୍ୟୁରିଟି ଗାର୍ଡ ଭାବେ କାମ କରୁଥିଲେ। ରବିବାର ଫାଟକ ଖୋଲିଲାବେଳେ ହଠାତ୍ ତାଙ୍କ ଉପରେ ପଡ଼ିଯାଇ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ନିକଟରେ ମୃତ୍ୟୁ ଖବର ପହଞ୍ଚିବା ପରେ ଗୌତମଙ୍କ ୨ ବଡ଼ଭାଇ ସୁଧାଂଶୁ ଓ ଚନ୍ଦ୍ରଶେଖର ସନ୍ଧ୍ୟାରେ ବାଙ୍ଗାଲୋର ଅଭିମୁଖେ ଯାଇଛନ୍ତି।

### ସବର୍ଣ୍ଣ-ଅସବର୍ଣ୍ଣ ବିବାଦ ନେଇ ଥାନାରେ ମାମଲା

**ରତ୍ନଗିରି,୩୦।୬(ଡି.ଏନ.ଏ.)**-ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ଗୋଳକୁଣ୍ଡ ପଞ୍ଚାୟତ ଗୋଳକୁଣ୍ଡ ଗ୍ରାମରେ ଏକ ସାଧାରଣ ଘଟଣାକୁ ନେଇ ସବର୍ଣ୍ଣ ଓ ଅସବର୍ଣ୍ଣଙ୍କ ମଧ୍ୟରେ ଗଣ୍ଡଗୋଳ ହେବାରୁ ୫ ଜଣରୁ ଅଧିକ ଆହତ ହୋଇଛନ୍ତି। ପ୍ରକାଶ ଯେ, ସାଧାରଣ ନିର୍ବାଚନ ପରେ ପାଣ୍ଡେଶ୍ୱର ମଲ୍ଲିକ ଓ ପ୍ରେମାଶିଷ ଜେନାଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିଲା। ପାଣ୍ଡେଶ୍ୱର ବସିଥିବାବେଳେ ଅପରପକ୍ଷର ପ୍ରେମାଶିଷ ଆକ୍ଷେପମୂଳକ ଭାବେ ଭାଷା ପ୍ରୟୋଗ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଏହା ଏକ ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା। ଫଳରେ ଘଟଣାସ୍ଥଳରେ ୫ରୁ ଅଧିକ ବ୍ୟକ୍ତି ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ ବାଲିଆ ପ୍ରାଥମିକ ଚିକିତ୍ସାକେନ୍ଦ୍ର ଓ ପରେ ବରୀ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଉଭୟ ପକ୍ଷରୁ ବରୀ ରାମଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ପୃଥକ୍ ମାମଲା (ନଂ. ୧୫୨/୧୯ ଓ ୧୫୫/୧୯) ରୁଜୁ କରିଛି।

## ■ ଯାଜପୁର ଜିଲାବାସୀଙ୍କ ବହୁ ପ୍ରତୀକ୍ଷାର ହେବ ଅନ୍ତ

# ଯାଜପୁରରୋଡକୁ ସ୍ଥାନାନ୍ତର ହେବ ଆରଆଇସି

**ଯାଜପୁର ଅଫିସ,୩୦।୬**

ଦୀର୍ଘଦିନର ପ୍ରତୀକ୍ଷା ପରେ ଯାଜପୁର ଜିଲା ପାଇଁ ଉଦ୍ଦିଷ୍ଟ କଳିଙ୍ଗନଗର ଆଞ୍ଚଳିକ ଶିଳ୍ପ କେନ୍ଦ୍ର (ଆରଆଇସି) କାର୍ଯ୍ୟାଳୟ କଟକ ଜିଲା ଜଗତପୁରରୁ ଯାଜପୁରରୋଡ ଚାନ୍ଦମାକୁ ଆସିବ। ଚାନ୍ଦାମାଠାରେ ନିର୍ମିତ କୋଠାରେ ବିଦ୍ୟୁତ ସଂଯୋଗ ପରେ ଏହି ପଦକ୍ଷେପ ତୁରନ୍ତ ନିଆଯିବ। ଏଥିପାଇଁ ଆରଆଇସିରେ କାର୍ଯ୍ୟରତ କର୍ମଚାରୀଙ୍କ କଟକରୁ ଯାଜପୁର ଜିଲାକୁ ବଦଳି ଓ ରିଲିଫ ପାଇଁ ନିର୍ଦ୍ଦେଶ କରିବାକୁ ଶନିବାର ଅନୁରୋଧ ହୋଇଛି। ଏହାସହ ପରିବହନ, ଲୋଡିଂ ଓ ଅନଲୋଡିଂ ଖର୍ଚ୍ଚ ବାବଦକୁ ପ୍ରାୟ ୨ଲକ୍ଷ ଟଙ୍କା ମଞ୍ଜୁର ସହ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଶିଳ୍ପ ନିର୍ଦ୍ଦେଶକଙ୍କୁ ଆରଆଇସିର ଜେନେରାଲ ମ୍ୟାନେଜର ଅନୁରୋଧ କରିଛନ୍ତି । ଜିଲାସ୍ତରରେ ବିଭିନ୍ନ ଦାବି, ଆନ୍ଦୋଳନ, ଅନଶନ କରିବା ପରେ କଟକ ଜିଲାରୁ ଆରଆଇସି ସ୍ଥାନାନ୍ତରଣ ଖୁବଶୀଘ୍ର ହେବାର ଖବର ଜିଲାବାସୀଙ୍କୁ ଆଶ୍ୱସ୍ତି କରିଛି । ତେବେ ପୂର୍ବରୁ ଏଭଳି ପଦକ୍ଷେପ ଏକାଧିକ ଥର ହୋଇଥିଲେ ହେଁ କୌଣସି କାରଣରୁ ବାତିଲ ହୋଇଥିବା ଘଟଣା ଚଳିତ ନିଷ୍ପତ୍ତି କାର୍ଯ୍ୟକାରୀ ହେବା ନେଇ ପୁଣି ସନ୍ଦୀହାନି ଦେଖା ଦେଇଛି।

ଇଡକୋ ପକ୍ଷରୁ ପ୍ରାୟ ୨ବର୍ଷ ହେବ ଯାଜପୁରରୋଡ ଚାନ୍ଦମାଠାରେ



**କଳିଙ୍ଗନଗର ଆଞ୍ଚଳିକ ଶିଳ୍ପକେନ୍ଦ୍ର**
- ■ ପୂର୍ବରୁ କଟକର ଜଗତପୁରରେ ଚାଲିଥିଲା କାର୍ଯ୍ୟାଳୟ
- ■ ବିଦ୍ୟୁତ ସଂଯୋଗ ପରେ ହେବ ସ୍ଥାନାନ୍ତରଣ
- ■ ପରିବହନ ବାବଦକୁ ୨ଲକ୍ଷ ଟଙ୍କା ମଞ୍ଜୁର ପାଇଁ ଆବେଦନ
- ■ ଶିଳ୍ପ ନିର୍ଦ୍ଦେଶକଙ୍କୁ ପତ୍ର ଲେଖିଲେ ଆରଆଇସି ଜିଏମ

ଆରଆଇସି କାର୍ଯ୍ୟାଳୟ ପାଇଁ ଗୃହ ସମ୍ପୂର୍ଣ୍ଣ ହୋଇଛି। ହେଲେ ବିଭାଗୀୟ କର୍ତ୍ତୃପକ୍ଷଙ୍କ କଟକ ଜିଲା ଜଗତପୁର ମୋହ ତୁଟୁନି। ବିଭିନ୍ନ ଆଳ ଦେଖାଇ ଆରଆଇସି କାର୍ଯ୍ୟାଳୟକୁ ସେଠାରେ ଚାଲୁ ରଖିବାକୁ ବିଭାଗୀୟ କର୍ତ୍ତୃପକ୍ଷ ମସୁଧା ଚଳାଇଛନ୍ତି। ଏହି ମର୍ମରେ ଧରିତ୍ରୀରେ ଏକାଧିକ ଥର ତଥ୍ୟ ଭିତ୍ତିକ ଖବର ପ୍ରକାଶ ପାଇ ଆସୁଥିଲା। ୨୦୧୮ ଅକ୍ଟୋବର ୨୫ରେ ବିଭାଗ ପକ୍ଷରୁ କାର୍ଯ୍ୟାଳୟ ଆସବାବପତ୍ର ଆଦି କିଣିବା ସହିତ ପରିବହନ ଖର୍ଚ୍ଚ ବାବଦକୁ ୧୨ ଲକ୍ଷ ୬୨ ହଜାର ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ଏଥିପାଇଁ ଶିଳ୍ପ ନିର୍ଦ୍ଦେଶାଳୟର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଜବରଦଖଲ ତଥା ବେଆଇନ କାର୍ଯ୍ୟକଳାପ ଯେପରି ନ ହେବ ସେଥିପାଇଁ ଜଗତପୁରରେ ଚାଲିଥିବା ଗୃହ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିବାକୁ ମଧ୍ୟ କୁହାଯାଇଥିଲା। ତଥାପି ଦିନ ଗଡି ୮ମାସରେ ପହଞ୍ଚିଲା। ଯଦ୍ୱାରା ଜିଲାସାରା ଗ୍ରାମାଞ୍ଚଳ ତଥା ସହରାଞ୍ଚଳ ଉଦ୍ୟୋଗୀଙ୍କ ଦ୍ୱାରା ଲଘୁ ଉଦ୍ୟୋଗ ସ୍ଥାପନ ପାଇଁ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ)ରେ ବିଭିନ୍ନ କାର୍ଯ୍ୟକ୍ରମ ବିଫଳ ହୋଇଆସୁଛି। ମାସିକ ଅଗ୍ରଗତି ରିପୋର୍ଟ ନୈରାଶ୍ୟଜନକ ହେଉଥିବାରୁ ରାଜ୍ୟ ଶିଳ୍ପ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟରୁ ବିଭିନ୍ନ ସମୟରେ ଉଦ୍‌ବେଗ ପ୍ରକାଶ କରିବା ସହିତ ମାସିକ ଲକ୍ଷ୍ୟ ହାସଲ ପାଇଁ ଆନ୍ତରିକତା ପ୍ରଦର୍ଶନ କରିବାକୁ କଳିଙ୍ଗନଗର ଆରଆଇସି ଅଧିକାରୀଙ୍କୁ ତାଗିଦ ହେଉଛି। ଶିକ୍ଷିତ ବେକାର ଯୁବତୀଯୁବକଙ୍କ ଆତ୍ମନିର୍ଭରଶୀଳତା ପାଇଁ ଏହି ଯୋଜନାରେ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ କର୍ମନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ(ପିଏମଇଜିପି) ମଧ୍ୟ ଫଳପ୍ରଦ ହେଉନାହିଁ। ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବ, ବେପରୁଆ ମନୋଭାବ ଏବଂ ବ୍ୟାଙ୍କଗୁଡିକର ଅସହଯୋଗ ଯୋଗୁ ଦିନକୁ ଦିନ କାର୍ଯ୍ୟକ୍ରମ ମୂଳ ଲକ୍ଷ୍ୟଠାରୁ ଦୂରେଇ ଯିବାରେ ଲାଗିଛି। ଯାଜପୁର ଜିଲା ପରିସୀମା ମଧ୍ୟରେ ଜିଲା ମୁଖ୍ୟ କାର୍ଯ୍ୟାଳୟ ନ ହୋଇ କଟକ ଜିଲା ଜଗତପୁରରେ ଏହା କାର୍ଯ୍ୟକାରୀ ହେଉଥିବାରୁ ଜିଲାରେ ଶିଳ୍ପ ବିକାଶର ଠିକ ବାତାବରଣ ସୃଷ୍ଟି କରାଯାଇ ପାରୁ ନାହିଁ । ଅନ୍ୟପକ୍ଷେ ଚଣ୍ଡିଖୋଲ କିମ୍ବା ଜାରକାରେ ଜିଲା ଆରଆଇସି କାର୍ଯ୍ୟାଳୟ ସ୍ଥାପନ କରିବାକୁ ଦାବି ହୋଇ ଆସୁଛି। ଗତ ୧୦ ତାରିଖରେ ଯାଜପୁର ଜିଲା ଅସଂଗଠିତ ଶ୍ରମିକ କଂଗ୍ରେସ ପକ୍ଷରୁ ତୁରନ୍ତ ଆରଆଇସି କାର୍ଯ୍ୟାଳୟ କଟକରୁ ଯାଜପୁରରୋଡ ଚାନ୍ଦମାଠାରେ ନିର୍ମିତ ଗୃହକୁ ସ୍ଥାନାନ୍ତରଣ ଦାବିରେ କଳିଙ୍ଗନଗର ଏଡିଏମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ ହୋଇଥିଲା। ଯାଜପୁର ଜିଲା ଗଠନକୁ ୨୫ବର୍ଷ ପୁରି ସାରିଥିବାବେଳେ ଅନ୍ୟ ଜିଲା ଭଳି ଆଞ୍ଚଳିକ ଶିଳ୍ପ କେନ୍ଦ୍ର ଯାଜପୁର ଜିଲାକୁ ସ୍ଥାନାନ୍ତରିତ ନ କଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଥିଲା । ଏହାର ପ୍ରଭାବ ବିଭାଗ ଉପରେ ପଡିଥିବା ଜଣାପଡିଛି। ଫଳରେ କଳିଙ୍ଗନଗର ଆରଇସିର ଜେନେରାଲ ମ୍ୟାନେଜର (ଜିଏମ)କାର୍ଯ୍ୟାଳୟ ସ୍ଥାନାନ୍ତରଣ ସମ୍ବନ୍ଧରେ ଶିଳ୍ପ ନିର୍ଦ୍ଦେଶକଙ୍କୁ ପତ୍ର ଲେଖିବା ସହିତ ଆବଶ୍ୟକ ଆନୁଷଙ୍ଗିକ ବ୍ୟବସ୍ଥା ତୁରନ୍ତ କରିବାକୁ ଜଣାଇଛନ୍ତି। ଏହି ମର୍ମରେ ଆରଆଇସିରର ଜିଏମ ଦର୍ଶାଇଛନ୍ତି ଯେ, ଇଡକୋ ପକ୍ଷରୁ ବିଦ୍ୟୁତ ସଂଯୋଗ ହେବାକ୍ଷଣି ତୁରନ୍ତ ଆରଆଇସି କାର୍ଯ୍ୟାଳୟକୁ ସ୍ଥାନାନ୍ତରଣ କରାଯିବ। ଏଥିପାଇଁ ଇଡକୋ ସହିତ ନିୟମିତ ଭାବେ ଯୋଗାଯୋଗ କରାଯାଉଛି। ଏହାସହ ଚାନ୍ଦମା କାର୍ଯ୍ୟାଳୟରେ ଆଉଟ ସୋର୍ସିଂରେ ସୁରକ୍ଷା କର୍ମୀ ନିୟୋଜନ କରିବାକୁ ଅନୁରୋଧ କରିଛନ୍ତି।

### ନାବାଳିକାଙ୍କୁ ବଳାତ୍କାର, ନାବାଳକ ଅଟକ

**ଆନନ୍ଦପୁର/ହାଟଡିହୀ, ୩୦।୬ (ସ୍ୱ.ପ୍ର./ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଗତ ୨୪ ତାରିଖରେ ଗଣବଳାତ୍କାର କରାଯିବା ଘଟଣା ବିଭିନ୍ନ ମହଲକୁ ଆଲୋଡ଼ିତ କରିଥିବାବେଳେ ନନ୍ଦିପଦା ଥାନା ହାଟଡିହୀ ଅଞ୍ଚଳରେ ଆଉ ଜଣେ ୯ବର୍ଷର ନାବାଳିକା ବଳାତ୍କାରର ଶିକାର ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ରବିବାର ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ଏହି ଘଟଣାର ତଦନ୍ତ କରି ଅଭିଯୁକ୍ତ ଜଣେ ନାବାଳକଙ୍କୁ ଥାନାକୁ ଧରିଆଣି ପଚରାଉଚରା କରୁଛି। ପୀଡ଼ିତା ନାବାଳିକାଙ୍କ ଘର କେନ୍ଦୁଝରର ଏକ ପଡ଼ୋଶୀ ଜିଲାରେ। ସେ ହାଟଡିହୀ ଅଞ୍ଚଳର ତାଙ୍କ ମାଉସୀଙ୍କ ଘରେ ରହି ପାଠ ପଢୁଥିଲେ। ରବିବାର ଅପରାହ୍ନରେ ସେ ଗାଁ ଦାଣ୍ଡରେ ଖେଳୁଥିବାବେଳେ ଅଭିଯୁକ୍ତ ନାବାଳକ ତାଙ୍କୁ ବାହାନା କରି ଏକ ନିଛାଟିଆ ଘରକୁ ଡାକି ନେଇ ସେଠାରେ ବଳାତ୍କାର କରିଥିଲେ। ନାବାଳିକାଙ୍କ ଅବସ୍ଥା ଗୁରୁତର ହେବାରୁ ମାଉସୀ ଘର ଲୋକେ ତାଙ୍କୁ ପଚାରି ସବୁକଥା ଜାଣିଥିଲେ। ପରେ ପୀଡ଼ିତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନା ଅଣାଯାଇ ଥାନାକୁ ଖବର ଦିଆଯାଇଥିଲା। ପୋଲିସ ପକ୍ଷରୁ ଏହାର ତଦନ୍ତ କରାଯାଉଛି ବୋଲି ଆନନ୍ଦପୁର ଏସଡିପିଓ ବିଦ୍ୟୁତ୍ ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଲିଖିତ ଅଭିଯୋଗ କରାଯାଇ ନାହିଁ। ଅଟକ ଥିବା ନାବାଳକଙ୍କ ବୟସ ୧୫ ବର୍ଷ ବୋଲି ପୋଲିସ କହିଛି।

## ■ ବଡ଼ଚଣାରେ ନକଲି ଡାକ୍ତର ପ୍ରସଙ୍ଗ

# ମୁଖ୍ୟ ଚିକିତ୍ସାଧିକାରୀ, ଫାର୍ମାସିଷ୍ଟଙ୍କୁ କାରଣ ଦର୍ଶାଅ ନୋଟିସ୍

**ଚଣ୍ଡିଖୋଲ,୩୦।୬(ଡି.ଏନ.ଏ.)**

ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନକଲି ଡାକ୍ତର ପଶି ଗର୍ଭବତୀ ଓ ପ୍ରସୂତିଙ୍କୁ ଯାଞ୍ଚ କରିବା ଘଟଣାରେ ସିଡିଏମ୍ଓ ରଶ୍ମିପ୍ରକାଶ ଶତପଥୀ ରବିବାର ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ପାର୍ଥସାରଥି ପଣ୍ଡା ଓ ଫାର୍ମାସିଷ୍ଟଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଏହି ଘଟଣାରେ ଡାକ୍ତରଖାନାର କେତେଜଣ କର୍ମଚାରୀଙ୍କ ସିଧାସଳଖ ସମ୍ପୃକ୍ତି ଥିବା ସାଧାରଣରେ ଆଲୋଚନା ହେଉଥିଲେ ମଧ୍ୟ ଅଦ୍ୟାବଧି ସେ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷ ତଦନ୍ତ କରି ନ ଥିବା ଜଣାପଡ଼ିଛି। ଏ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏବେ ଡାକ୍ତରଖାନାକୁ ଯାଉଥିବା ରୋଗୀଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି। ପ୍ରକାଶ ଯେ, ଗତ ୨୧ ତାରିଖ ରାତିରେ ନୀହାର ରଞ୍ଜନ ସାମଲ ନାମକ ଜଣେ ଯୁବକ ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ ପଶି ଦାୟିତ୍ୱରେ ଥିବା ଡାକ୍ତରଙ୍କ କୋଠରିରୁ ତାଙ୍କ ଷ୍ଟେଥୋ ନେଇ ପ୍ରସୂତି ବିଭାଗକୁ ଯାଇଥିଲେ। ସେଠାରେ ଜଣେ ପ୍ରସୂତିଙ୍କୁ ପରୀକ୍ଷା କରିବା ଆଳରେ ଅସୌଜନ୍ୟ ବ୍ୟବହାର ପ୍ରଦର୍ଶନ କରିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ତାଙ୍କ ସହ ସାମିଲ ଥିବା କେତେଜଣ କର୍ମଚାରୀ ଏହାକୁ ବାରଣ କରିବା ପରିବର୍ତ୍ତେ ମଜା ନେଉଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ନୀହାର ଗିରଫ ହୋଇଥିଲେ। ଏ ସମ୍ପର୍କରେ ଡାକ୍ତରଖାନା କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରିବା ପରିବର୍ତ୍ତେ ୩ ଦିନ ଧରି ଚୁପ୍ ରହିଥିଲେ। ପରେ ଘଟଣାର ଜଣେ ପ୍ରତ୍ୟକ୍ଷଦର୍ଶୀ ଗତ ୨୪ ତାରିଖରେ ବଡ଼ଚଣା ଥାନାରେ ଏତଲା ଦେବା ପରେ ପୋଲିସ ନକଲି ଡାକ୍ତରଙ୍କୁ ଗିରଫ କରିଥିଲା। ଡାକ୍ତରଖାନା କର୍ତ୍ତୃପକ୍ଷ ଅଦ୍ୟାବଧି ଚୁପ ରହିଥିବା ଅଭିଯୋଗ ହୋଇଛି। ଏଠାରେ କାର୍ଯ୍ୟରତ ମୁଖ୍ୟ ଚିକିତ୍ସକଙ୍କ ସାଧୁତା ଓ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣାରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ଡାକ୍ତରଖାନାର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରା ନ ଗଲେ ଜନସାଧାରଣ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ରଶ୍ମି ପ୍ରକାଶ ଶତପଥୀଙ୍କୁ ପଚାରିବାରୁ, ସେମାନେ ପ୍ରାଥମିକ ତଦନ୍ତ କରି ଘଟଣା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରିଛନ୍ତି। ଜିଲାପାଳ ପୁନଃ ନିର୍ଦ୍ଦେଶ ଦେଲେ ଅଧିକ ତଦନ୍ତ କରାଯିବ ବୋଲି କହିଛନ୍ତି।

## ■ ଏଲ୍ଇଡି ଷ୍ଟ୍ରିଟ୍ ଲାଇଟ୍ ଲଗାଇବାରେ ଅନିୟମିତତା

# ସନ୍ଦେହରେ ବିଡିଓଙ୍କ ତଦନ୍ତ

**କୋରେଇ,୩୦।୬(ସ୍ୱ.ପ୍ର.)**

କୋରେଇ ବ୍ଲକ ଅନ୍ତର୍ଗତ ସାଦକପୁର ପଞ୍ଚାୟତରେ ନିମ୍ନମାନର ଏଲଇଡି ଷ୍ଟ୍ରିଟଲାଇଟ ଲଗାଯାଇ ଲକ୍ଷ ଲକ୍ଷ ଟଙ୍କା ହଡ଼ପ ହୋଇଛି। ଏପରିକି ଖୁଣ୍ଟରେ ୪୫ ୱାଟ ପରିବର୍ତ୍ତେ ୧୫ ୱାଟର ଏଲଇଡି ଲଗାଯାଇଥିବା କୁହାଯାଉଛି। ଆବଶ୍ୟକ ସଂଖ୍ୟାରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇନାହିଁ। ଅନ୍ୟପକ୍ଷରେ ଏଲଇଡି ଲାଇଟ ଲଗାଇବା ବେଳେ ଆର୍ଥିଂ ବ୍ୟବସ୍ଥା ମଧ୍ୟ କରାଯାଇ ନାହିଁ। ଏହି ଦୁର୍ନୀତି ଅଭିଯୋଗ ହେବା ପରେ ବିଡିଓ ୨ଜଣ ସହକାରୀ ଯନ୍ତ୍ରୀଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ସେମାନେ ଯାଞ୍ଚ କଲାବେଳେ ୫୪ଟି ଲାଇଟ ଲାଗିଥିବା କହିଥିଲାବେଳେ ୪୫ ୱାଟ ବଦଳରେ ଛୋଟ ଲାଇଟ ଲାଗିଥିବା ସୂଚନା ଦେଇଥିଲେ। ଅପରପକ୍ଷରେ ଲାଇଟ କିଣା ଯାଇଥିବାବେଳେ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀଙ୍କଠାରୁ ଏହାର ମାନ ନିରୂପଣ କରାଯାଇ ନ ଥିଲା। ଯେଉଁ କ୍ରୟ କମିଟି କରାଯାଇଛି, ତାହାର ଗଠନ ବାବଦରେ ପଞ୍ଚାୟତରେ କୌଣସି ରେଜୁଲେଶନ କରାଯାଇ ନ ଥିବା ୱାର୍ଡ ସଭ୍ୟ ସୂଚନା ଦେଇଛନ୍ତି। ୮ଲକ୍ଷ ଟଙ୍କା ବ୍ୟୟରେ ଏଲଇଡି ଲାଇଟ କିଣିବାକୁ କ୍ରୟ କମିଟିକୁ କିଏ ଅନୁମତି ଦେଲା, ସେ ନେଇ ପ୍ରଶ୍ନ ଉଠିଛି। ସାଦକପୁର ଅଞ୍ଚଳରେ ଏହି ଦୁର୍ନୀତିର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି। ଏହି ଘଟଣାରେ ବିଡିଓ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଖସାଇବାକୁ ଉଦ୍ୟମ କରୁଥିବା ଲୋକେ ସନ୍ଦେହ କରୁଛନ୍ତି। ଏ ସମ୍ପର୍କରେ ବିଡିଓ ଉମାକାନ୍ତ ପରିଡ଼ାଙ୍କୁ ପଚାରିବାରୁ, ଘଟଣାର ପୁନଃ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି।

## ପୋଡ଼ା ମୃତଦେହ ଉଦ୍ଧାର ଘଟଣା

# ହତ୍ୟା ଅଭିଯୋଗ ଆଣିଲେ ଝିଅ

**କୋରେଇ,୩୦।୬(ସ୍ୱ.ପ୍ର.)**-ଗୌରପୁର ପଞ୍ଚାୟତ ବଡପାଟଣା ଗ୍ରାମର ମହେଶ୍ୱର ଜେନାଙ୍କ ବିଲ ମଝିରୁ ପୋଡ଼ା ମୃତଦେହ ମିଳିବା ଘଟଣାରେ ରବିବାର ତାଙ୍କ ଝିଅ ହତ୍ୟା ଅଭିଯୋଗ ଆଣିଛନ୍ତି। ଏଥିରେ ଜେଜେବାପା, ବଡବାପା, ସାନବାପାଙ୍କ ସମ୍ପୃକ୍ତି ଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପ୍ରକାଶ ଯେ, ୬ ଦିନ ତଳେ ବଡ଼ପାଟଣା ଗ୍ରାମର ବିଲ ମଝିରୁ କୋରେଇ ପୋଲିସ ମହେଶ୍ୱରଙ୍କ ପୋଡ଼ା ମୃତଦେହ ଉଦ୍ଧାର କରିଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଅପେକ୍ଷା କରିଥିବାବେଳେ ଜମିବାଡ଼ି କଳହକୁ କେନ୍ଦ୍ରକରି ମହେଶ୍ୱରଙ୍କୁ ହତ୍ୟା କରାଯାଇଥିବା ରବିବାର ଝିଅ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ. ୩୧୮/୧୯) ରୁଜୁ କରିଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ଆମକୁ ପାପ କାର୍ଯ୍ୟ କରିବାକୁ ଯିଏ ବାଧା ଦିଏ, ସେ ପ୍ରକୃତରେ ବନ୍ଧୁ।
- ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ଭୂଷଣ୍ଡପୁରରେ ଘୋଷଯାତ୍ରା ପ୍ରସ୍ତୁତି ବୈଠକ

**ଟାଙ୍ଗୀ(ଖୋର୍ଦ୍ଧା),୩୦।୬(ଡି.ଏନ୍.ଏ.):** ଚିଲିକା ଉପକୂଳ ଭୁଷଣ୍ଡପୁରରେ ଦାରୁବ୍ରହ୍ମ ଘୋଷଯାତ୍ରା ପାଇଁ ଶେଷ ପ୍ରସ୍ତୁତି ବୈଠକ ରବିବାର କାର୍ଯ୍ୟକାରୀ ସଭାପତି ଉଲ୍ଲାସ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶାନ୍ତିଶୃଙ୍ଖଳାର ସହ ରଥଯାତ୍ରା ସମ୍ପନ୍ନ ନିମନ୍ତେ ଟାଙ୍ଗୀ ବ୍ଲକ ପ୍ରଶାସନ ପକ୍ଷରୁ ସହଯୋଗର ଦୃଢ଼ ପ୍ରତିଶ୍ରୁତି ନେଇ ସଭାରେ ଆଲୋଚନା ହୋଇଥିଲା। ଶ୍ରୀଗୁଣ୍ଡିଚାଠାରୁ ବାହୁଡା ଯାତ୍ରା ପର୍ଯ୍ୟନ୍ତ ସାଂସ୍କୃତିକ ଓ ଆଧାତ୍ମିକ କାର୍ଯ୍ୟରେ ପୋଲିସ ବିଭାଗ ଓ ପ୍ରଶାସନ ତରଫରୁ ସମସ୍ତ ପ୍ରକାର ବ୍ୟବସ୍ଥା ହୋଇଥିବା ବୈଠକରେ ସୂଚନା ମିଳିଥିଲା। ବାବା ବିଜୟ ଦାଶ, ତ୍ରିନାଥ ସେଠୀ, ରବୀନ୍ଦ୍ର କୁମାର ସାମନ୍ତରାୟ, ସରପଞ୍ଚ ନବ କିଶୋର ନାୟକ, ସମିତି ସଭ୍ୟ ରାଜ କିଶୋର ନାୟକ, ବରିଷ୍ଠ ଆଇନଜୀବୀ ଅନୀଲ କୁମାର ପଟ୍ଟନାୟକ, ପ୍ରଫୁଲ୍ଲ ପଟ୍ଟନାୟକ, ବାଇଧର ମହାରଣା, ସୌରଭ କୁମାର ଦାସ ମହାପାତ୍ର, ଅଜୟ ମହାରଣା, ସୁରେଶ ବେହେରା, ସଂଗ୍ରାମ ପଟ୍ଟନାୟକ, କୃପାସିନ୍ଧୁ ବେହେରା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

### ପଥର ଖଣି ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ଜଟଣୀ,୩୦।୬(ଡି.ଏନ.ଏ):** ମାଙ୍କଡ଼ାପଥର ଖଣି ପାଣିରେ ବୁଡ଼ି ପ୍ରସନ୍ନ କୁମାର ଭୁଜବଳ(୩୨)ଙ୍କ ରବିବାର ସକାଳେ ମୃତ୍ୟୁ ଘଟିଛି। ଜଟଣୀ ଥାନା ଅନ୍ତର୍ଗତ ନିରଞ୍ଜନପୁର ଗ୍ରାମରେ ମୃତ ଯୁବକଙ୍କ ଘର। ଗ୍ରାମ ନିକଟରେ ଥିବା ଗଭୀର ମାଙ୍କଡ଼ାପଥର ଖଣିକୁ ପ୍ରସନ୍ନ ଶୌଚ ହେବାକୁ ଯାଇଥିବା ବେଳେ ଏପରି ଘଟିଥିବା କୁହାଯାଇଛି। ଖବରପାଇ ଜଟଣୀ ଓ ଭୁବନେଶ୍ୱରରୁ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ପାଣି ମଧ୍ୟରୁ ମୃତଦେହ ବାହାର କରିଥିଲେ।

### ଶିବିରରେ ୧୧୭ ୟୁନିଟ୍ ରକ୍ତ ସଂଗ୍ରହ

**ଜଟଣୀ,୩୦।୬(ଡି.ଏନ.ଏ.):** ଜଟଣୀର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆଶ୍ରୟ ପକ୍ଷରୁ ରବିବାର ଏହାର ସ୍ଥାନୀୟ କାର୍ଯ୍ୟାଳୟ ପରିସରରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଖୋର୍ଦ୍ଧା ରକ୍ତଭଣ୍ଡାରର ଡାକ୍ତର ଓ କର୍ମଚାରୀ ଉପସ୍ଥିତ ରହି ୧୧୭ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ସମେତ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଅନେକ ସ୍ୱେଚ୍ଛାସେବୀ ରକ୍ତଦାନ କରିବା ସହ ଶିବିର ପରିଚାଳନାରେ ସହାୟତା କରିଥିଲେ। ଆୟୋଜକ ଆଶ୍ରୟର ଚେୟାରମ୍ୟାନ ବେଣୁଧର ଦାସ, ସମ୍ପାଦକ ରଞ୍ଜନ ସ୍ୱାଇଁ, ପ୍ରଦୀପ ପଟ୍ଟନାୟକ, ବିଷ୍ଣୁ ସାହୁ, ଶିବବ୍ରତ ପଟ୍ଟନାୟକ, ବାଲାଜୀ ପଣ୍ଡା, ସୁରଜିତ ମହାନ୍ତି ଓ ଅନ୍ୟ ସଦସ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା।

# ଫେରିଯିବ ୧୩୦୦ରୁ ଊର୍ଦ୍ଧ୍ୱ ଆବାସ ଅନୁଦାନ

- ଗରିବ ଲୋକେ ମୁଣ୍ଡ ଗୁଞ୍ଜିବାକୁ ଭଲ ଘର ନାହିଁ
- ସର୍ଭେ ରିପୋର୍ଟରେ ନାହାନ୍ତି ଆବଶ୍ୟକ ହିତାଧିକାରୀ
- ଯୋଜନାର ସଫଳ ରୂପାୟନ ନେଇ ପ୍ରଶ୍ନବାଚୀ

**ନୂଆଗାଁ,୩୦।୬(ଡି.ଏନ୍.ଏ.)**

ଗରିବ ଲୋକଙ୍କ ଜୀବନ କଚ୍ଚା ଚାଳ ଘରେ ବିତୁଥିବାବେଳେ ସରକାରଙ୍କ ଆବାସ ଯୋଜନାରେ ପକ୍କା ଘରଟିଏ ପାଇବା ପାଇଁ ଅନେକେ ସ୍ୱପ୍ନ ଦେଖିଥାନ୍ତି। କିନ୍ତୁ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ଆବାସ ଯୋଜନାର ସଫଳ ରୂପାୟନ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାସ୍ତବ ହିତାଧିକାରୀମାନେ ପକ୍କାଘର ପାଇବା ପାଇଁ ବିକଳ ହେଉଥିବାବେଳେ ନୟାଗଡ଼ ଜିଲା ନୂଆଗାଁ ବ୍ଲକରୁ ଫେରିଯିବାକୁ ବସିଛି ପ୍ରାୟ ୧୩୦୦ରୁ ଊର୍ଦ୍ଧ୍ୱ ଆବାସ ଗୃହ। ସମସ୍ତଙ୍କୁ ପକ୍କା ଘରଟିଏ ଯୋଗାଇ ଦେବା ପାଇଁ ସରକାର ପ୍ରତିଶ୍ରୁତି ଦେଇଥିବାବେଳେ ଯୋଜନାରୁ ଅନେକ ହିତାଧିକାରୀ ଏବେ ବାଦ ପଡ଼ିବାକୁ ଯାଉଥିବାରୁ ଅସନ୍ତୋଷ ସୃଷ୍ଟି ହୋଇଛି। ନୂଆଗାଁ ବ୍ଲକରୁ ପ୍ରାପ୍ତ ତଥ୍ୟ ଅନୁସାରେ, ୨୦୧୧ ମସିହା ସର୍ଭେ ଅନୁସାରେ ନୂଆଗାଁ ବ୍ଲକର ୨୨ ପଞ୍ଚାୟତ ପାଇଁ ୨୮୨୯ ଗୋଟି ଆବାସ ଗୃହ ଯୋଗାଇ ଦିଆଯାଇଛି । ଏହା ଜାଣିବା ପରେ ଗୃହହୀନ ଲୋକେ ଘର ପାଇବା ନେଇ ଅନେକ ଆଶା ବାନ୍ଧିଥିଲେ । କିନ୍ତୁ ସେଥିରୁ ପ୍ରାୟ ୧୩୦୦ରୁ ଊର୍ଦ୍ଧ୍ୱ ଆବାସ ଅନୁଦାନ ଫେରିଯିବ ବୋଲି ଶୁଣିବା ପରେ ସେମାନଙ୍କ ଆଶା ମଉଳିଯାଇଛି। ହରିଜନଙ୍କ ପାଇଁ ୯୨୨, ଆଦିବାସୀଙ୍କ ପାଇଁ ୬୫୦ ଓ ସାଧାରଣବର୍ଗଙ୍କ ପାଇଁ ୧୨୫୭ ଆବାସ ସଂରକ୍ଷିତ ରହିଛି । ବର୍ତ୍ତମାନ ଏହି ବ୍ଲକରେ ସାଧାରଣ ବର୍ଗ ଅପେକ୍ଷା ଦଳିତ ଓ ଆଦିବାସୀମାନେ ଅଧିକ ଗୃହହୀନ ଥିବାବେଳେ ସେମାନଙ୍କ ପାଇଁ କମ୍ ଆବାସ ଗୃହ ସଂରକ୍ଷିତ ରହିଛି। ୨୦୧୧ ମସିହାର ସର୍ଭେ ଅନୁସାରେ ଦଳିତ ଓ ଆଦିବାସୀ ଲୋକଙ୍କୁ ଗୃହହୀନ ଦର୍ଶାଯାଇ ନ ଥିବାରୁ ବର୍ତ୍ତମାନର ଏହି ଗୃହହୀନ ଲୋକଙ୍କୁ ଆବାସ ଯୋଜନାରେ ସାମିଲ କରିବା ସମ୍ଭବ ହେଉ ନ ଥିବା କହିଛନ୍ତି ନୂଆଗାଁ ବିଡିଓ ଶିରିୟାଲ ଶୁଭ୍ର ପଟେଲ। ସର୍ଭେ ରିପୋର୍ଟରେ ଆବଶ୍ୟକ ସଂଖ୍ୟକ ହିତାଧିକାରୀ ନ ଥିବାରୁ କାର୍ଯ୍ୟାଦେଶ ଫେରିଯିବାକୁ ବସିଛି। ଏହି ବ୍ଲକର ବହୁ ପଞ୍ଚାୟତ ଆଦିବାସୀ ଅଧ୍ୟୁଷିତ ହୋଇଥିବାବେଳେ ଅନେକ ଗୃହହୀନ ଗରିବ ଅଛନ୍ତି । ସେ ହେଲେ କାପ୍ତାପଲ୍ଲୀ ପଞ୍ଚାୟତସ୍ଥ ବାମୁରି ଗ୍ରାମର ବିଶ୍ୱନାଥ ଜାନି। ବିଶ୍ୱନାଥ ସ୍ତ୍ରୀ କମଳା, ବିବାହିତା ଝିଅ ରାଜଲକ୍ଷ୍ମୀ ଓ ନାତୁଣୀକୁ ଧରି ଏକ କଚ୍ଚା ଘରେ ରହୁଥିବା ସତ୍ତ୍ୱେ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ସେହିପରି ଶାବୁରୀ ଜାନି, ଚନ୍ଦ୍ରମଣୀ ଜାନି ମଧ୍ୟ ବାସ୍ତବରେ ପକ୍କାଗୃହ ପାଇବା ଯୋଗ୍ୟ ହେବା ସତ୍ତ୍ୱେ ହିତାଧିକାରୀ ତାଲିକାରୁ ବଞ୍ଚିତ ହୋଇଛନ୍ତି। ତେବେ ଏଭଳି ସମସ୍ୟାର ସମାଧାନ ପାଇଁ ତାଲିକାରେ ନାମ ଥିବା ଦଳିତ, ଆଦିବାସୀଙ୍କ ପାଇଁ ଆବାସ ଗୃହର ନିଅଣ୍ଟ ହେଲେ ନୂଆଗାଁ ବ୍ଲକସ୍ଥ ପଞ୍ଚାୟତସ୍ତରୀୟ ସଂରକ୍ଷିତ ଆବାସକୁ ଅବଳବଦଳ କରାଯାଇ ପାରିବ ବୋଲି ବିଡିଓ ପଟେଲ କହିଛନ୍ତି।



କଚ୍ଚା ଘର ସମ୍ମୁଖରେ ଝିଅ ରାଜଲକ୍ଷ୍ମୀଙ୍କ ସହ କମଳା ଜାନି।

# ବସ୍‌ଷ୍ଟାଣ୍ଡରେ ମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

**ନୟାଗଡ଼ ଅଫିସ,୩୦।୬**

ପୂର୍ବରୁ ଲୋକମାନେ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କରୁଥିଲେ। କିନ୍ତୁ ଏବେ ସର୍ବସାଧାରଣ ସ୍ଥାନରେ ଅଭିଯୋଗ ଶୁଣାଣି କରାଯିବ। ରବିବାର ନୟାଗଡ଼ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଏଭଳି ଏକ ଶିବିର ଦେଖିବାକୁ ମିଳିଥିଲା। ଶିବିରରେ ନୟାଗଡ଼ ବିଧାୟକ ତଥା କୃଷିମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଉପସ୍ଥିତ ରହି ସକାଳ ୮ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ୨୫୫ଟି ଅଭିଯୋଗ ଶୁଣାଣି କରିଥିଲେ। ନିର୍ବାଚନ ଜିତିବା ପରେ ଲୋକଙ୍କ ନିକଟକୁ ଯାଇ ଅଭିଯୋଗ ଶୁଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତାହା ସେ ପାଳନ କରିଛନ୍ତି। ନିଜ ନିର୍ବାଚନମଣ୍ଡଳୀରେ ପ୍ରତି ମାସର ଶେଷ ରବିବାର ସେ ଏଭଳି ଅଭିଯୋଗ ଶୁଣାଣି ଶିବିର କରିବେ ବୋଲି ସୂଚନା ଦେଇଛନ୍ତି। ଭତ୍ତା, ପକ୍କାଘର ଯୋଜନା ଆଦି ବିଭିନ୍ନ ସମସ୍ୟା ବିଷୟରେ ପ୍ରଥମ ଦିନରେ ଅଭିଯୋଗ ହୋଇଥିଲା। ଅଭିଯୋଗଗୁଡିକ ସମ୍ପୃକ୍ତ ବିଭାଗକୁ ପଠାଯାଇ କିପରି ତୁରନ୍ତ ସମାଧାନ କରାଯିବ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି କୁହାଯାଇଛି।



ଜଣେ ବ୍ୟକ୍ତିଙ୍କ ଅଭିଯୋଗ ଶୁଣୁଛନ୍ତି ମନ୍ତ୍ରୀ।

# ବାରମ୍ବାର ହେଉଛି ମୋବାଇଲ ଚୋରି

## ଟାଉନ ଥାନାରେ ଅଭିଯୋଗ କଲେ ମହିଳା

### ପୋଲିସର ତନାଘନା, ଯୁବକ ଅଟକ

**ନୟାଗଡ଼ ଅଫିସ,୩୦।୬**

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରୁ ବାରମ୍ବାର ମୋବାଇଲ୍ ଚୋରି ଭଳି ଘଟଣା ଦେଖିବାକୁ ମିଳୁଛି। ପୂର୍ବରୁ ଏ ନେଇ କେହି ଅଭିଯୋଗ କରି ନ ଥିଲେ। ହେଲେ ରବିବାର ଜଣେ ମହିଳା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ ସେ ମାତୃ ଓ ଶିଶୁ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ଶନିବାର ରାତିରେ ମୋବାଇଲରେ କଥା ହୋଇସାରି ଶୋଇ ପଡ଼ିଥିଲେ। ରବିବାର ସକାଳୁ ଉଠି ମୋବାଇଲ ନ ଥିବା ଦେଖିଥିଲେ। ଏ ନେଇ ସେ ମେଡ଼ିକାଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ କେହି ଶୁଣି ନ ଥିଲେ। ପରେ ସେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିବା ସହିତ ସନ୍ଦେହରେ ଜଣେ ଯୁବକଙ୍କୁ ଆଣି ଅଟକ ରଖିଛି। ଯୁବକ ଜଣକ ଜିଲା ମୁଖ୍ୟ ଚିକିତ୍ସାଳୟରେ ସିକ୍ୟୁରିଟି ଗାର୍ଡ଼ ଥିବା ଜଣାପଡ଼ିଛି।

ପ୍ରକାଶ ଯେ, ୩ଦିନ ତଳେ ଜିଲା ମାତୃ ଓ ଶିଶୁ ଚିକିତ୍ସାଳୟରୁ ୨ଟି ମୋବାଇଲ୍ ଚୋରି ହୋଇଥିଲା। ସର୍ଜରି ୱାର୍ଡ଼ରୁ ମଧ୍ୟ ରୋଗୀ ସମ୍ପର୍କୀୟଙ୍କ ଦୁଇଟି ମୋବାଇଲ ଚୋରି ହୋଇଥିଲା। ଏପରି କି ସର୍ଜରି ୱାର୍ଡ଼ ନିକଟରୁ ବୁଧବାର ଗୋଟିଏ ବାଇକ୍ ଚୋରି ହୋଇଥିବା ଜଣାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର ଅନେକ ସ୍ଥାନରେ ସିସିଟିଭି ନ ଥିବାରୁ ଦୁର୍ବୃତ୍ତମାନେ ଅବାଧରେ ଏଭଳି ଘଟଣା ଘଟାଉଥିବା କୁହାଯାଉଛି। ଏ ନେଇ ଟାଉନ ଥାନା ଅଧିକାରୀ ଜୟଦୀପ ମହାନ୍ତି କହନ୍ତି, ମହିଳା ଜଣକ ଅଭିଯୋଗ କରିବା ପରେ ଆମେ ମାତୃ ଓ ଶିଶୁ ଚିକିତ୍ସାଳୟରେ ପହଞ୍ଚି ଉକ୍ତ ଯୁବକଙ୍କୁ ସନ୍ଦେହରେ ଆଣି ପଚରାଉଚରା କରୁଛୁ। ଏଠାରେ ସିସି କ୍ୟାମେରା ନ ଥିବାରୁ କିଏ ମୋବାଇଲ୍ ଚୋରି କରିଛି ତାହା ଜଣାପଡୁନାହିଁ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୱେତ ମହାପାତ୍ର କହନ୍ତି, ମୋବାଇଲ୍ ଚୋରି ହେବା ନେଇ ଖବର ପାଇବା ପରେ ପୋଲିସ ଆସି ଜଣଙ୍କୁ ଧରିନେଇଛି। ହେଲେ ଏ ନେଇ ତାଙ୍କ ପାଖରେ କେହି ଅଭିଯୋଗ କରି ନ ଥିବା ସେ ପ୍ରକାଶ କରିଛନ୍ତି।




ମାତୃ ଓ ଶିଶୁ ଚିକିତ୍ସାଳୟରେ ପୋଲିସ ତଦନ୍ତ କରୁଛି।

# ଖୋର୍ଦ୍ଧା ବିଧାୟକଙ୍କୁ ସମ୍ବର୍ଦ୍ଧନା

**ଟାଙ୍ଗୀ(ଖୋର୍ଦ୍ଧା),୩୦।୬(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଦୀକ୍ଷିତପଡ଼ାର ମସଜିଦ୍ ପ୍ରାଙ୍ଗଣରେ ମୁସଲିମ୍ ସମ୍ପ୍ରଦାୟ ତରଫରୁ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଉକ୍ତ ଉତ୍ସବରେ ବ୍ଲକ ଅଧକ୍ଷ ବିଜୟ କୁମାର ଜେନା, ଖୋର୍ଦ୍ଧା ଜିଲା ପରିଷଦ ପୂର୍ବତନ ସଭାପତି ରାମଚନ୍ଦ୍ର ମହାପାତ୍ର, ଟାଙ୍ଗୀ ବ୍ଲକ ବିଜେଡି ସଂଖ୍ୟାଲଘୁ ସଭାପତି ହାଜି ଅବଦୁଲ୍ ରଜାକ ଖାଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ମିତ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାରେ ଶେଖ୍ ବରଖତୁଲ୍ଲା ଅଧକ୍ଷତା କରିଥିଲେ। ଶେଖ୍ ସଉକତ ଅଲ୍ଲୀ ଗ୍ରାମର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅତିଥିଙ୍କ ଦ୍ୱାରା ୫ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରାଯାଇଥିଲା । ସେଖ୍ ମଜିଦ୍, ସେକ୍ ବରଖତୁଲ୍ଲା, ସେଖ୍ ଜହୁର, ସେଖ୍ ଅଲ୍ଲୀ, ସେଖ୍ ଜବାର, ମହମ୍ମଦ ନୁର, ଦୁଖା ଖାଁ, ଜାକରି ଶାହା, ସେଖ୍ ଉଦରତ ଓ ସେଖ ମୁକତାର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁ, ସ୍ୱାମୀ ଅଟକ

**ଓଡ଼ଗାଁ,୩୦।୬(ସ୍ୱ.ପ୍ର.)**

ଓଡ଼ଗାଁ ଥାନା ଓ କୋମଣ୍ଡ ପଞ୍ଚାୟତ ଅନ୍ତର୍ଗତ ନବରତ୍ନପୁର (ବୁଢାପଦା) ଗ୍ରାମରେ ଜଣେ ବିବାହିତା ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୫/୧୯) ରୁଜୁ କରିଛି। ମୃତା ମହିଳା ସେହି ଗ୍ରାମର ବନମାଳୀ ବେହେରାଙ୍କ ସ୍ତ୍ରୀ ସୁଷମା (୨୯)। ସୁଷମାଙ୍କ ବାପଘର ଲୋକେ ଶନିବାର ବିଳମ୍ବିତ ରାତିରେ ଏ ସମ୍ପର୍କରେ ଜଣାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିବା ବେଳେ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ବନମାଳୀଙ୍କ କହିବା ଅନୁସାରେ କୌଣସି କାରଣବଶତଃ ସୁଷମାଙ୍କ ଅତ୍ୟଧିକ ରକ୍ତସ୍ରାବ ହେଉଥିବା ବେଳେ ସେ ଚିକିତ୍ସାଧୀନ ଥିଲେ। ଏହି କାରଣରୁ ତାଙ୍କର ମୃତ୍ୟୁ ହୋଇଥାଇପାରେ। ଅନ୍ୟପକ୍ଷେ ସୋଲପଟା ଗ୍ରାମର ସୁଷମାଙ୍କ ବାପା ବୈକୁଣ୍ଠ ଭୁଜବଳ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ଝିଅର ମୃତ୍ୟୁ କାରଣକୁ ନେଇ ସେ ସନ୍ଦେହ ପ୍ରକାଶ କରିଥିବା ଉଲ୍ଲେଖ କରିଛନ୍ତି। ଥାନା ଆଇଆଇସି ଜ୍ୟୋତିପ୍ରକାଶ ପଣ୍ଡା ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ପଣ୍ଡା ପ୍ରକାଶ କରିଛନ୍ତି। ସୁଷମା ୧୦ବର୍ଷ ତଳେ ବନମାଳୀଙ୍କୁ ବିବାହ କରିଥିବାବେଳେ ତାଙ୍କର ତିନିଝିଅ ଅଛନ୍ତି।

# ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

**ଟାଙ୍ଗୀ(ଖୋର୍ଦ୍ଧା),୩୦।୬(ଡି.ଏନ୍.ଏ.)**

୧୬ ନଂ ଜାତୀୟ ରାଜପଥସ୍ଥିତ ଟାଙ୍ଗୀ ଥାନା ଅନ୍ତର୍ଗତ କଇଥପଲା ଛକଠାରେ ରବିବାର ଏକ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତ କାରଚାଳକଙ୍କ ପରିଚୟ ମିଳି ନ ଥିବାବେଳେ ଛତ୍ରପୁରର କନିଷ୍ଠ ଏମ୍‌ଭିଆଇ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ସେମାନେ ଏକ ହୁଣ୍ଡାଇ କାର୍‌ରେ ଭୁବନେଶ୍ୱରରୁ ଛତ୍ରପୁର ଫେରୁଥିଲେ। ତେବେ ଏକ ମାଲବାହୀ ଟ୍ରକ୍‌ଟି ଆଗରେ ଯାଉଥିବାବେଳେ ହଠାତ୍ ବ୍ରେକ୍ ଦେବାରୁ କାର୍‌ଟି ଏହା ପଛରେ ପିଟି ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ କାର୍‌ଚାଳକଙ୍କ ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ସ୍ଥଳରେ ପୋଲିସ ପହଞ୍ଚି ମୃତକଙ୍କୁ ଉଦ୍ଧାର କରିବା ସହ ୨ ଗୁରୁତରଙ୍କୁ ଟାଙ୍ଗୀ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହଯୋଗରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

■ ଚିନିକଳ ଖୋଲିବା ଦାବି

# ଚିନିକଳ ସୁରକ୍ଷା କମିଟିର ସଚେତନତା ଅଭିଯାନ

**ନୟାଗଡ଼ ଅଫିସ,୩୦।୬**

ଦୀର୍ଘ ୫ବର୍ଷ ହେଲା ବନ୍ଦ ହୋଇପଡ଼ିଥିବା ଚିନିକଳ ଖୋଲିବା ଦାବିରେ ଚିନିକଳ ସୁରକ୍ଷା କମିଟି ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରାଉଛି। ଆସନ୍ତା ଜୁଲାଇ ୧୬ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ହେବାକୁ ଥିବା ଗଣବିକ୍ଷୋଭରେ ଯେପରି ଚାଷୀମାନେ ଉପସ୍ଥିତ ରହି ତାଙ୍କର ହକ୍ ପାଇଁ ଲଢ଼େଇ କରିବେ ସେଥିପାଇଁ ସଚେତନ କରାଯାଉଛି। ସେହିଭଳି ଜୁଲାଇ ୨୪ ତାରିଖରେ ନୟାଗଡ଼ ବନ୍ଦ ଡାକରାକୁ ସଫଳ କରିବା ପାଇଁ ମଧ୍ୟ ଚାଷୀମାନଙ୍କୁ କୁହାଯାଉଛି। ରବିବାର କମିଟି ସଦସ୍ୟମାନେ ଖଣ୍ଡୁଗାଁ ଓ ପଦ୍ମପୁର ଗ୍ରାମରେ ପହଞ୍ଚି ଲୋକମାନଙ୍କୁ ସଚେତନ କରାଇଥିଲେ। ସୂଚନାଯୋଗ୍ୟ ଗତ ଶୁକ୍ରବାର ବାଲୁଗାଁ ପଞ୍ଚାୟତ ମାଳତୀପୁର ଗ୍ରାମଠାରୁ ସଚେତନତା ଅଭିଯାନ ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ପାଖାପାଖି ୨୦ ଖଣ୍ଡ ଗ୍ରାମରେ କାର୍ଯ୍ୟକ୍ରମ ପହଞ୍ଚି ସାରିଲାଣି। ଆଗାମୀ ଦିନରେ ଚିନିକଳ ଦ୍ୱାରା ଉପକୃତ ହେଉଥିବା ୮ ଖଣ୍ଡ ପଞ୍ଚାୟତର ସମସ୍ତ ଗ୍ରାମକୁ ବୁଲି ଲୋକମାନଙ୍କୁ ସଚେତନ କରାଯିବ ବୋଲି ସୂଚନା ଦିଆଯାଇଛି। କମିଟି ଆବାହକ ବିଶ୍ୱନାଥ ମହାପାତ୍ରଙ୍କ ନେତୃତ୍ୱରେ ମନୋଜ କୁମାର ସାହୁ, ସନ୍ତୋଷ ପ୍ରଧାନ, ଗୋଲକ ବିହାରୀ ମୁଦୁଲି ପ୍ରମୁଖ ସଦସ୍ୟମାନେ ଏହି ଅଭିଯାନରେ ସାମିଲ ହୋଇଛନ୍ତି।



ଏକ ଗ୍ରାମରେ କମିଟି ସଦସ୍ୟମାନେ ଲୋକଙ୍କୁ ସଚେତନ କରାଉଛନ୍ତି।

■ କାର୍ଯ୍ୟ ଆରମ୍ଭର ୬ ବର୍ଷ ବିତିବ

# ବାଇପାସ୍ ରାସ୍ତା ଶେଷ ହୋଇପାରୁ ନାହିଁ

- ସମୟ ଗଡ଼ିବା ସହ ବଢ଼ି ଚାଲିଛି ବ୍ୟୟ
- ରାଜରାସ୍ତାକୁ ଓହ୍ଲାଇବାକୁ ସ୍ଥାନୀୟ ଲୋକଙ୍କ ଧମକ

**ରଣପୁର,୩୦।୬(ସ୍ୱ.ପ୍ର.)**

ଗ୍ରାମାଞ୍ଚଳରେ ରାସ୍ତା ନିର୍ମାଣ କାର୍ଯ୍ୟ ପ୍ରତି ଗୁରୁତ୍ୱ ଦେଇ ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟ ମଞ୍ଜୁର ହେଉଛି। ରାଜ୍ୟ ସରକାର ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ କରିବାକୁ ମଧ୍ୟ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ସମୟ ଗଡ଼ିବା ସହ ବ୍ୟୟଭାର ବୃଦ୍ଧି ପାଉଥିଲେ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରୁନି ରାସ୍ତାକାମ। କ୍ଷେତ୍ରୀୟ ଅଧିକାରୀଙ୍କ ଅବହେଳା ମନୋଭାବ ଯୋଗୁ ଦୀର୍ଘ ବର୍ଷ ଧରି କାମ ଆରମ୍ଭ ହେଉଥିଲେ ମଧ୍ୟ କେଉଁଠି ରାସ୍ତାକାମ ଅଧାପନ୍ତରିଆ ହୋଇ ପଡିରହିଛି ତ କେଉଁଠି ଲକ୍ଷ ଲକ୍ଷ ଟଙ୍କା ବିଲ୍ ପାଇ ଠିକାଦାର ଫେରାର୍ ହୋଇଯାଉଛନ୍ତି। ଫଳରେ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ନୟାଗଡ଼ ଜିଲା ପୂର୍ତ୍ତ ବିଭାଗ ଅଧୀନ ରଣପୁର ଏନ୍‌ଏସି ଅନ୍ତର୍ଗତ ତଳ ସଡ଼କ ବାଇପାସ୍ ରାସ୍ତା ହେଉଛି ଏହାର ଏକ ଜ୍ୱଳନ୍ତ ଉଦାହରଣ। ଏହି କାମ ଆରମ୍ଭ ହେବାର ୬ ବର୍ଷ ବିତିବାକୁ ଯାଉଥିବାବେଳେ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଏଥିସହ ବ୍ୟୟଭାର ମଧ୍ୟ ବଢ଼ିବାରେ ଲାଗିଛି, ଯାହା ସାଧାରଣରେ ଅସନ୍ତୋଷ ବୃଦ୍ଧି କରିଛି। ତେଣୁ ଶୀଘ୍ର କାମ ସମ୍ପୂର୍ଣ୍ଣ ନ ହେଲେ ଆଗାମୀ ଦିନରେ ରଣପୁର ଅଞ୍ଚଳବାସୀ ଆନ୍ଦୋଳନ ନିମନ୍ତେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଧମକ ଦେଇଛନ୍ତି। ପ୍ରକାଶଯୋଗ୍ୟ, ରଣପୁର, ସୁନାଖଳା, ଚାନ୍ଦପୁର, ନୂଆ ଜଗନ୍ନାଥ ସଡ଼କ ଜଙ୍କିଆରୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାରେ ବାରମ୍ବାର ଟ୍ରାଫିକ୍ ସମସ୍ୟା ଦେଖାଦେବାରୁ ଅଭିଯୋଗକ୍ରମେ ୨୦୧୩ ମସିହାରେ ତତ୍କାଳୀନ ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କ ଦ୍ୱାରା ରଣପୁର ତଳ ସଡ଼କ ପାଇପାସ୍ ରାସ୍ତା ନିର୍ମାଣ ଯୋଜନା ଆରମ୍ଭ ହେଲା। ୧୮୨୬ ମିଟର ରାସ୍ତା ପାଇଁ ୯୧ଲକ୍ଷ ୫୨ହଜାର ୨ଶହ ଟଙ୍କା ମଞ୍ଜୁର ହୋଇ ପିଚୁ ରାସ୍ତା କାର୍ଯ୍ୟ ପାଇଁ ରଣପୁର ପୂର୍ତ୍ତ ବିଭାଗକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଇତିମଧ୍ୟରେ ବିଧାୟକ ପ୍ରଧାନଙ୍କ ଅବଧି ସରିବା ପରେ ରବିନାରାୟଣ ମହାପାତ୍ର ବିଧାୟକ ହୋଇଥିଲେ । ତେବେ ଏହି କାର୍ଯ୍ୟରେ ତାଙ୍କର ସେତେଟା ସହଯୋଗ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଉକ୍ତ କାର୍ଯ୍ୟ ନିମନ୍ତେ ଟେଣ୍ଡର ମାଧ୍ୟମରେ ଭୁବନେଶ୍ୱରସ୍ଥିତ ଏକ ଠିକାଦାର ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ତେବେ ରାସ୍ତାରେ ଅଳ୍ପ କିଛି ମାଟି ପକାଇ କାମ ସାରିଦେଇଥିବାବେଳେ ରଣପୁର ପୂର୍ତ୍ତବିଭାଗ ତରଫରୁ ଏ ବାବଦରେ ଉକ୍ତ ଠିକାଦାରଙ୍କୁ ୨୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବିଲ୍ ବାବଦରେ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଏହାପରେ ଠିକାଦାରଙ୍କୁ ଆଉ କାର୍ଯ୍ୟ କ୍ଷେତ୍ରରେ ଦେଖାମିଳି ନ ଥିଲା। ସୂଚନାଯୋଗ୍ୟ, ୬ମାସ ମଧ୍ୟରେ ରାସ୍ତାକାମ ଶେଷ କରିବା ପାଇଁ ପୂର୍ତ୍ତ ବିଭାଗର ନିୟମ ଥିବାବେଳେ ୬ ବର୍ଷ ଅତିକ୍ରମ ହେବାକୁ ଗଲାଣି। ଏ ପର୍ଯ୍ୟନ୍ତ ରାସ୍ତାର ୯୦ଭାଗ କାର୍ଯ୍ୟ ଶେଷ ହୋଇନାହିଁ। ଏ ନେଇ ବିଭିନ୍ନ ମହଲରେ ବିରୋଧର ସ୍ୱର ଉଠିବାରୁ ପୂର୍ତ୍ତ ବିଭାଗ ତରଫରୁ ଜୁଲାଇ ୨୦୧୮ରେ ପୁରୁଣା ଠିକାଦାରଙ୍କ ଟେଣ୍ଡର କ୍ୟାନ୍‌ସଲ୍(ରଦ୍ଦ) କରାଯାଇଥିଲା। ପୁଣି ୩ କୋଟି ୮୦ଲକ୍ଷ ଟଙ୍କା ମଞ୍ଜୁର କରି ନୂଆ ଠିକାଦାରଙ୍କୁ ଗତ ମାର୍ଚ୍ଚ ମାସରେ ଟେଣ୍ଡର ଦିଆଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହେଉନାହିଁ। ବର୍ଷାଋତୁ ଆରମ୍ଭ ହୋଇଥିବାରୁ ଏହି ପରିସ୍ଥିତିରେ ରାସ୍ତା କାର୍ଯ୍ୟ କିପରି ସମ୍ପୂର୍ଣ୍ଣ ହେବ ସେ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଏ ସମସ୍ୟା ନେଇ ନୟାଗଡ଼ ପୂର୍ତ୍ତ ବିଭାଗ ଏସ୍‌ଡିଓ ପ୍ରଦୀପ୍ତ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ରଥଯାତ୍ରା ପରେ ରାସ୍ତାକାମ ଆରମ୍ଭ ହେବ ବୋଲି ସେ କହିଥିଲେ । ପୂର୍ତ୍ତ ବିଭାଗ ଜେଇ ଦୟାନିଧି ରାୟଗୁରୁ କହିଛନ୍ତି, ତୁରନ୍ତ ଏହି ରାସ୍ତା କାର୍ଯ୍ୟ ଆରମ୍ଭ କରାଯିବ । ଏହି ପରିସ୍ଥିତିରେ ରଣପୁରବାସୀଙ୍କ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ସମୟ ସୀମା ନେଇ ସୃଷ୍ଟି ହୋଇଛି ଅନେକ ପ୍ରଶ୍ନବାଚୀ।



ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଥିବା ରାସ୍ତା।